ମୋ' ଘର ବହୁତ ଦୂର

Digitized by srujanika@gmail.com

ମୋ ଘର ବହୁତ ଦୂର

ଚନ୍ଦ୍ରଶେଖର ରଥ

ନିଉ ଲାଇଫ୍ କ୍ରିଏସନ୍ସ
SBN - 81-98033-08-10

Digitized by srujanika@gmail.com

ମୋ ଘର ବହୁତ ଦୂର (କବିତା ସଂକଳନ)
ଲେଖକ : **ଚନ୍ଦ୍ରଶେଖର ରଥ**
ପ୍ରକାଶକ : ପ୍ରଣବ କୁମାର ଭଞ୍ଜଦେଓ, ନିଉ ଲାଇଫ୍ କ୍ରିଏସନ୍ସ୍
ବମିଖାଲ, ଭୁବନେଶ୍ୱର ।
ଫୋନ : ୨୫୮୦୫୧୮, ୯୩୩୮୩୬୧୧୯୬
ମୁଦ୍ରଣ : ଜଗନ୍ନାଥ ଗ୍ରାଫିକ୍ସ, ସହିଦ ନଗର
ପ୍ରଚ୍ଛଦ ଫଟୋ : ସୂନା ଭାଇ
ପ୍ରଥମ ସଂସ୍କରଣ ୨୯-୧୦-୨୦୧୨
ଆଇଏସ୍‌ବିଏନ୍ - ୮୧-୯୮୦୩୩-୦୮-୧୦
@ ଚନ୍ଦ୍ରଶେଖର ରଥ
ମୂଲ୍ୟ - ଏକଶତ ପଚାଶ ଟଙ୍କା ମାତ୍ର

Mo Ghar Bahuta Dura (Poetry Collection)
Author **Chandrasekhar Rath**
Publisher Pranab Kumar Bhanjadeo
Bomikhal, Bhubaneswar - 10
Phone : 2580518, 9338361196
Printing Jagannath Graphics, Saheed Nagar
Cover Design : Suna Bhai
First Edition : 29.10.2012
ISBN - 81-98033-08-10
@ Chandrasekhar Rath
Rs. - 150/-

Digitized by srujanika@gmail.com

ପୁତ୍ର ଶଶିଭୂଷଣଙ୍କ ଆଗ୍ରହ,
ଓ ପ୍ରଣତ ପ୍ରଣବଙ୍କ ଉଦ୍ୟମ ଓ ଉତ୍ସାହ
ଏ ପ୍ରକାଶନ ପାଇଁ ଦାୟୀ ।

Digitized by srujanika@gmail.com

ଘୁ ଘୁ ନାଦ ଦେଇ ଆସୁଛି କମ୍ପାଇ ଗର୍ଜନ କରୁଛି ଆଣ୍ଟେ ।
ଦଶଦିଗ ମୋତେ ଅନ୍ଧାର ଦିଶୁଛି ଚାଲିଯିବି କେଉଁ ବାଟେ ॥
ତୁମ୍ଭେ ମୋର ସବୁ ଅନ୍ତର୍ଯ୍ୟାମି ପ୍ରଭୁଛାମୁକୁ କି ଅଗୋଚର ।
କେଉଁ ରୂପେ ମୋତେ ଜଗତେ ରଖିବ ଜାଣି ସମ୍ଭାବନା କର ॥

ସନ୍ଥ କବି ଭୀମ ଭୋଇ

Digitized by srujanika@gmail.com

:: ସୂଚୀ ::

କ୍ରମ	କବିତା	ପୃଷ୍ଠା
୧.	କେମିତି ଅଛ କି ବାପା	୧
୨.	ଆଜି ଭାରି ଉତ୍କଣ୍ଠାର ଦିନ	୫
୩.	ଜହ୍ନିଫୁଲ ପରି	୭
୪.	ଆମେ ସବୁ ଡରିମରି	୧୦
୫.	ଝୋଲାରେ ଝୋଲାଏ ସ୍ୱପ୍ନ	୧୨
୬.	ତୁମେ ମୋତେ ଶହେଥର	୧୪
୭.	ହେ ସମ୍ରାଟ	୧୭
୮.	ନୂଆଁଣିଆ ଅପରାହ୍ନବେଳେ	୧୯
୯.	ଧନ୍ୟ ହେଲି ଆଜି ତୁମ ଉପହାର ପାଇ	୨୧
୧୦.	ମୋତେ ତୁମେ କେବେ ଦେଖିନାହଁ	୨୩
୧୧.	ସହଜସୁନ୍ଦରୀ କେବେ	୨୫
୧୨.	ଅଂଧାରରେ ଡରି ଡରି	୨୭
୧୩.	ବାହୁମେଲି ମାଗୁଛୁ ନା ଯାଚୁଛୁ ଆଶ୍ଳେଷ	୨୯
୧୪.	ମାନ ବା ନ ମାନ କିନ୍ତୁ ତୁମ ରାଣ	୩୧
୧୫.	ମୋ ଶୋଷର ଆୟତନ ତିନୋଟି ଗଣ୍ଡୁଷ	୩୩
୧୬.	ହାତ ପାଇନାହିଁ ବୋଲି ସିନା	୩୫
୧୭.	କିଏ ସେ କହିଲ ଦେଖି	୩୭
୧୮.	ଯୁଦ୍ଧରେ ହାରିବା କିଛି ନୂଆ କଥା ନୁହେଁ	୪୦
୧୯.	ଦେଖିବୁଟି ଝିଅ	୪୧
୨୦.	ଗିରି ଗୋବର୍ଦ୍ଧନ ତଳେ	୪୩
୨୧.	ମୁଁ ଜାଣେ ମୁଁ ବାମନ	୪୫
୨୨.	ମୁଁ କାହିଁକି ବର୍ତିଗଲି	୪୭
୨୩.	ମୁଁ ଦେଖିଲି ସେ ଦିନ ସଂଧାରେ	୪୯
୨୪.	ସଂଜ ତ ହେବ ଇ ହେବ	୫୧

Digitized by srujanika@gmail.com

କ୍ରମ	କବିତା	ପୃଷ୍ଠା
୨୫.	ଅରଣ୍ୟରେ ବାଟ ନାହିଁ	୫୩
୨୬.	ସୁଖ ଆସେ ହଳଦିବସନ୍ତ ପରି	୫୫
୨୭.	କିଏ ସେ ଆପଣ	୫୮
୨୮.	ଉଡାଣ ଭରିବା ବେଳେ	୬୦
୨୯.	ନିହାତି ଯଦି ବା	୬୨
୩୦.	ସଂଜବେଳେ	୬୫
୩୧.	କେମିତି କେବେ ବା ଆଉ	୬୭
୩୨.	କାହିଁକି କେଜାଣି	୭୦
୩୩.	କ'ଣ ଗଢିବାକୁ	୭୨
୩୪.	ଖେଳରେ ଖେଳରେ	୭୫
୩୫.	ବର୍ଷାରେ ତିନ୍ତୁଛି କାଉ	୭୭
୩୬.	ମୁଁ କି ଜାଣିଥିଲି	୮୦
୩୭.	ଅପହଞ୍ଚ ଆକାଶମଲ୍ଲୀରୁ	୮୨
୩୮.	ଉପତ୍ୟକା ବୁଡିଯିବା ପରେ	୮୪
୩୯.	କେଉଁ ତୀର୍ଥ ଯାଉଛ କି ଯାତ୍ରୀ ଭାଇ	୮୬
୪୦.	ଘନ ଘନ ଡାକୁଥିଲା ମେଘ	୮୮
୪୧.	ନିଦ ଜରଜର	୯୦
୪୨.	ତୁମେ କଣ ଦିଶୁଥିଲ ସେ ଭିଡଭିତରେ	୯୧
୪୩.	ଆତଙ୍କ କିଏ କି ମାଆ ?	୯୩
୪୪.	ସକାଳ ସଂଜରେ ତାକୁ ଶୋଷ କରେ	୯୫
୪୫.	ଏକଦା ମୁଁ ଶୁଣିଛି ତୁମର ଡାକ	୯୮
୪୬.	ଚାହୁଁଚାହୁଁ ଲିଭିଗଲା	୧୦୧
୪୭.	ନାଆଁ ମୋର ନାହିଁ ସୁଧାଇବନେ	୧୦୩
୪୮.	ଆକଷରେ ନୂଆମେଘ ଡାକଶୁଣି	୧୦୫
୪୯.	କୂପାଝରେ ଅଚାନକ ବର୍ଷାପରି	୧୦୭
୫୦.	ଏତେ କାଳ ଖୋଜା ଖୋଜିପରେ	୧୦୮
୫୧.	ଏ ରାସପୂର୍ଣ୍ଣିମା ଦିନ / ଚନ୍ଦ୍ରୋଦୟ ବେଳେ	୧୧୦

● ● ●

Digitized by srujanika@gmail.com

କେମିତି ଅଛ କି ବାପା

କେମିତି ଅଛ କି ବାପା
ସେ'ଠି ଏକୁଟିଆ,
ନିଛାଟିଆ ଅଗଣାରେ
ଧଳାହାତୀ ପରି ଶୀତ
ଜମାଟ ବାନ୍ଧିଲା ବେଳେ;
କାକର ନିଗାଡୁଥିବା
ସୋରିଷ କିଆରୀ ପାଖେ
ତୁମେ କଣ ସକାଳୁ ସକାଳୁ
ଶାଗ ତୋଳୁଥିବ
ଶାଗ ଭଲଲାଗେ ବୋଲି
ସଜଶାଗ ତୋଳିବାକୁ
ଭଲପାଅ ବୋଲି ?
ପବନରେ ଫିଟିଯାଏ
ବାଡିପଟ ଝର୍କା ଅଚାନକ
ଏବେ ବି ରାତିରେ
ତୁମେ କ'ଣ ବତୀଧରି
ଉଠିଆସ ବାରନ୍ଦାକୁ
ଦେଖିବାକୁ କିଏ ସେ ଆସିଲାବୋଲି ?

Digitized by srujanika@gmail.com

ଷ୍ଟିଲଡବା ମାନଙ୍କରେ
ହୋଟେଲରୁ ଆସିଥିବା
ସନ୍ତୁଳା ରୁଟିରୁ
ବାମ୍ଫ ବାହାରୁନଥିବ
ଲକ୍ଷ୍ମୀଙ୍କ ରାନ୍ଧଣା ପ୍ରାୟ
ଲାଗୁ ତ ନଥିବ
ରାତି ଏଗାରଟା ବେଳେ
ଅଳଟିକେ ଚାଖିଦେଇ
ଉଠି ପଡୁଛ କି ବାପା
କାକର ଲାଗିଲାବୋଲି ?
ଚଷମା କାଚରେ
ଧୂଳିମଳି ଟିପଚିହ୍ନ
ଲାଗିଲେ ବି ତୁମେ କେବେ
ଜାଣି ପାରନାହିଁ ।

ଆଖିକୁ ଦିଶୁନି ବୋଲି
ମନେମନେ କହି ହେଉଥାଅ ।

ଏବେ କଣ ଆଖିରୁ ଚଷମା ଖୋଲି
ଖବର କାଗଜ ଘସି
ପୋଛୁଥିଲା ବେଳେ
ହାତ ରହି ଯାଉଥିବ
ଚାହୁଁ ଚାହୁଁ ଜଳାର୍ଣ୍ଣବ
ହେଉଥିବ ପୃଥ୍ୱୀ ।
ଆଖିବୁଜା ଅଂଧାରରୁ
ବନ୍ୟା ଝରୁଥିଲେ
ଭାବୁଛ କି ପଚାରିବ

Digitized by srujanika@gmail.com

ଢେଙ୍କା ଡାକ୍ତରଙ୍କୁ
ଏତେ ଓଦା ଦିଶୁଚି କାହିଁକି ?
କୋଉ ବଖରାରେ ଏବେ
ଖୋଜୁଛ କି ବାପା ?
ସବୁ ବଖରା ତ' ଖାଲି
ଭୂତପରି ନିରବ ଅଁଧାର
ରୁନ୍ଧି ରଖିଥିବ ରାତି
ଆଖି ଖୋଲିଲେ ବି ଯାହା
ବୁଜିଲେ ବି ତାହା
ଭିତର ବାହାର ସବୁ
ଘମାଘୋଟ ରାତି
ତୁମେ କ'ଣ ଖୋଜିପାରୁଥିବ
ଡେଙ୍ଗେବଡ ପଲଙ୍କର
ଗୋଟାଏ ପଟକୁ ?

ଚିଠି ଦେଇ ନାହିଁ
କାହିଁ କେତେକାଳ ହେଲା
ଫୋନ କଲେ ମନଖୋଲି
କଥା କହୁନାହିଁ
ଆଜିକାଲି କବିତାବି ଲେଖୁନାହିଁ
ଏ କଲମ ମିନୁ ପଠେଇଛି କହି
ଖୁସି ହେଉଥିଲି ପରା
ଗୋଟିଏ ହେଲେ କବିତା
ଲେଖି ଦିଅନ୍ତ ନି
ସାର୍ଥକ ହୁଅନ୍ତା ମିନୁ
ମିନୁର କଲମ ।

Digitized by srujanika@gmail.com

କାଲିଠାରୁ କାହିଁକି କେଜାଣି
ଆଉଟି ହେଉଛି ମନ
ତୁମେ ଖାଲି ଦିଶୁଛ ସବୁଠି
ଅଲକ୍ଷଣା ବାଁ ଆଖି
ଫଡ ଫଡ ହେଉଁଛି କାହିଁକି ?
କାଲିଗଲା ପୁଷପାଳି
ଗୁରୁବାର ଉଜେଇଁବା ପାଳି ।

ଭଲରେ ଅଛତ' ବାପା
ଏତେ ଶୀତ ଏତେ ରାତି
ଏତେ ଏକୁଟିଆ
କେମିତି ସହିଛ ସତେ !
ଆହା, ବାପା
କଣ ଅବା ହେବ ମୋ ହାତରେ
ଢାଲଛଡା ମୃଗୁଣୀ ମୁଁ
ତୁମ ପାଇଁ ଘାଣ୍ଟି ହେଉଥିବା
ତୁମର ସ୍ନେହର ମିନୁ

୦୦୦

Digitized by srujanika@gmail.com

ଆଜି ଭାରି ଉତ୍କଣ୍ଠାର ଦିନ

ଆଜି ଭାରି ଉତ୍କଣ୍ଠାର ଦିନ
କାହିଁକି କେଜାଣି ଏତେ
ଆତୁର ଲାଗୁଛି
ଦୂର ନକ୍ଷତ୍ରରୁ / କେହି କଣ
ହାତ ବଢ଼ାଉଛି ମୋତେ ?
ଅଦୃଶ୍ୟ ଅବା ମୋର ଚଉପାଶେ
ପହରି ବୁଲୁଛି ଆଉ
ପବନକୁ ବହଳ କରୁଛି ?
ମେରୁଶୃଙ୍ଗ ଛିଡି ପଡିବକି ସତେ ?
ମୋର ଦିଗବଳୟ ଚିରି
କେହି କଣ ଓହଟି ଚାହିଁବ ମୋତେ ^
ଟିପମାରି ପଛପଟୁ
ଚମକାଇ ଦେବ
ଆମନ୍ତ୍ରଣ କରିବ କି
କାନପାଖେ କଥା କହି
ମୋ ଉଦ୍ବିଗ୍ନ ଆତ୍ମାପରୁଷକୁ ?
ମୋର ଆଖି ବୁଜି ହୋଇଗଲେ
ତା ନିଶ୍ୱାସ ବୁଣି ହୋଇଯିବ
ମୋର ମୁହଁ ସାରା ?

Digitized by srujanika@gmail.com

ଚାପାହସ ଶୁଭିବ କି
ପତ୍ର ମିଥୁନରୁ ?
ଚନ୍ଦନ କସ୍ତୁରୀ ଗନ୍ଧେ
ମହକିବ ମୋର ବନଭୂମି ?
ପାହାଡର ଅନ୍ଧିକନ୍ଧି
ନୂଆମେଘ ଘୋଟିଗଲା ପରି
ଲୁଣର କଣ୍ଢେଇଟିକୁ
ମହାସିନ୍ଧୁ ଲୀନ କଲାପରି
ଗ୍ରାସ କରିଯିବ ମୋତେ ?
ଏ ବିସ୍ତୀର୍ଣ୍ଣ ବେଳାଭୂମି
ତରଳ ବାଲିରେ
ମୋତେ ଠାବ କରିବାକୁ
ଯଦି ତୁମେ ନିରେଖି ଚାହିଁବ
ପାଇବନି କିଛି ।
ତୁମ ଆଖି ପ୍ରାନ୍ତେ
ଢଳଢଳ ବିନ୍ଦୁଟିଏ
ଯଦି ଦିଶେ, ଦିଶି ଲିଭିଯାଏ
ସେତିକି ଯଥେଷ୍ଟ ବୋଲି
ଆଖି ବୁଜି ନେବ
ଆଉ କ'ଣ ବା ମିଳନ୍ତା
ଯା'ଙ୍କ ଇଲାକାରେ ?

୦୦୦

Digitized by srujanika@gmail.com

Digitized by srujanika@gmail.com

ଜହ୍ନିଫୁଲ ପରି

ଜହ୍ନିଫୁଲ ପରି
ମୋ ବିଷର୍ଣ୍ଣ ସଂଧ୍ୟାକୁ କାହିଁକି
ଆଲୋକିତ କରୁଥିଲୁ
ଠୋ ଠା ଫୁଟିଥିଲୁ
ଭଙ୍ଗାବାଡ ମାନଙ୍କରେ ?

କିଶୋରୀ କନ୍ୟାର ଗୀତ
ବୁଣି ଦେଇଥିଲୁ ମୋର
ସଚକିତ ଲଲାଟ ଓଠରେ ?
ଦିନସାରା ମୁଁ ଖୋଜିଛି
ମନେମନେ ଏଠିସେଠି
ଜାଣିଛି ପାଇବି ନାହିଁ
ତଥାପି ଉପାୟ ନାହିଁ
ନ ଖୋଜି ବା କ'ଣ କରିଥାନ୍ତି ?

କିଏ ସେ ଡାକିଲା ମୋତେ
ଅରଣ୍ୟ କମ୍ପାଇ
ପୁଚ୍ଛଟେକି ନାଚିଗଲା
ଶୃଗାଂର - ଆତୁର କେକା ।

Digitized by srujanika@gmail.com

ଆଉବେଳେ ଭେଟିଲି ଭୁଷଣ୍ଡ କାକ
ଅଟ୍ଟା କଲା ରାଉରାଉ
ସହିଲି ତା କୁବଚନ ।

ମୋ ପାଖୁଁ ଶେ ସ୍ୱଜନ କୁଟୁମ୍ବ
ଆଗରେ ବିପକ୍ଷଥାଟ
ମାଟିରେ ପ୍ରଚଣ୍ଡ ଅଗ୍ନି
ଭକ୍ଷିଗଲା ଯୁଦ୍ଧ ଯୋଦ୍ଧା
ଧନୁ ଧନୁର୍ଧର ।

କ୍ଲାନ୍ତ ଅପରାହ୍ଣ ବେଳେ
ଆସ୍ତେ ମୋତେ ହାତ ଧରି
ଓହରାଇ ନେଲୁ
କାଢିଦେଲୁ ଶିରସ୍ତ୍ରାଣ
କବଚ କାର୍ମୁକ ।

ଗଛଛାଇ ତଳେ
ଶୀତଳ ପବନ ସାଥେ
ମଲମ ବୋଳିଦେଲା ବେଳେ
ମୋ ଆଖିକୁ ଚାହିଁ ହସିଥିଲୁ ।

ମୋର ଯୁଦ୍ଧ ସରିଗଲା
ହାରଜିଣ ସରିଗଲା
ବୋଲି ଆଉଁସିଲୁ ମୋର ମୁହଁ ଦେହ ।

ଆଖିପତା ପଡିଗଲା
ଚମକି ଚାହିଁଲି ଯେବେ

Digitized by srujanika@gmail.com

ତୁ ଓହରି ଯାଉଥିଲୁ ।
ବିଷଣ୍ଣ ବିବର୍ଣ୍ଣ ସଂଧ୍ୟା
ଘେରି ଆସୁଥିଲା
କଳାମେଘ ପରି ଦୁଃଖ
ଘୋଟି ଆସୁଥିଲା
ତାରାମାନେ ଜହ୍ନିଫୁଲ ପରି
ଫୁଟିଲେ ବି ସଂଧ୍ୟା ତ ଆସିବ ।

ଅଂଧାର ରାତିରେ
ଅତଡା ଦାଢ଼ରୁ
ଅତଳାନ୍ତ ବିବରକୁ
ଖସିଗଲା ବେଳେ
ତୁ କି ସତେ ତୋଳିନେବୁ
ଏ ମଉଳା ମଲ୍ଲିକାକୁ
ହାତ ପାପୁଲିରେ ?

୦୦୦

Digitized by srujanika@gmail.com

ଆମେ ସବୁ ଡରିମରି

ଆମେ ସବୁ ଡରିମରି
ଆଲୁଅ ଲିଭେଇଦେଇ
କାନେଇକି ପଡିଥାଉ
କେତେବେଳେ ଗର୍ଜିବ ଅମ୍ବର
ଦୁଲୁକିବ ପୃଥ୍ୱୀ
ଅଗ୍ନି ବହ୍ନିମାନ
ଗ୍ରାସିଯିବ ଅବନୀମଣ୍ଡଳ ।

ଏତେବେଳେ ଭରତିଆ ପକ୍ଷୀ ଯଦି
ଡିମ୍ବ ଦେଇଥାଏ
ବାରବର୍ଷ ବାଂଝରହି
ବିଣିଆ ମାଇପ ଯଦି ଜନ୍ମ ଦେଉଥାଏ
ସାତ୍‌ପୁରୁଷିଙ୍କ ପୁଣ୍ୟ
ଫୁଟୁଥାଏ ନୂଆଗଛେ ମଲ୍ଲୀ
କ'ଣ ଅବା ଯାଏ ଆସେ-
ମନ୍ଦ ନୁହେଁ ସବୁଯାକ ଏକାଠି ଜଳିବା
ମୃତ୍ୟୁସାଥେ ଯୁଝିଯୁଝି
ଜିଣିଜିଣି ଆସିଥିବା
ଘୋଷାଲ ଡାକ୍ତର

Digitized by srujanika@gmail.com

ସ୍ଥିର ରହିପାରୁନାହିଁ
ଅଂଧାରରେ ଉଠୁଚି ବସୁଚି
କହୁଚି ସେ ଦେବୀ ଗଉଡୁଣୀ ପୁଅ
ଏ ରାତିକ ବଞ୍ଚିଗଲେ
ନଈପାରି ହୋଇଯିବ, ବଞ୍ଚିଯିବ ।

ଶେଷ ଇଂଜେକ୍ସନ୍‌ଟାଏ
ତାକୁ ଯାଇ ଅଂଧାରରେ
ଅଣ୍ଡାଳି ଅଣ୍ଡାଳି
ଦେବାକୁ ହିଁ ହେବ ।

କ'ଣ ଯାଏ ଆସେ
ଡାକ୍ତରୀମୁଣା ସମେତ
ଘୋଷାଲ ଡାକ୍ତର ଯଦି
ଢଳିଯାଏ ମଝି ରାସ୍ତାଟାରେ ?

୦୦୦

Digitized by srujanika@gmail.com

ଝୋଲାରେ ଝୋଲାଏ ସ୍ୱପ୍ନ

ଝୋଲାରେ ଝୋଲାଏ ସ୍ୱପ୍ନ
ଅଚିହ୍ନା ଅରଣ୍ୟ ଡାଳୁ
ଧରା ହୋଇ ଆସିଥିବା
ପୋଷମନା ବଣପାରା ସବୁ
ଏଣିକି ତ ଉଡିଯିବେ ଯେ ଯୁଆଡେ
ରଂଗ, ତୂଳୀ ଚିତ୍ରପଟ
ଯେ ଯେଉଁଠି ସ୍ଥିର ହୋଇଯିବେ
ଉଠି ଆସୁଥିବା ମେଘ
ଥମିଯିବ ଅର୍ଦ୍ଧ ଆକାଶରେ
ଦରଫୁଟା କଦମ୍ବ ବି
ଦରଫୁଟା ରହିଯିବ
ସତ୍ୟବାନ ଉଠିବନି
ନିଦ୍ରାରୁ ମୃତ୍ୟୁରୁ
କଚ୍ଚ ଅବା କବିତାକୁ
ବେଳକାହିଁ ପାଖୁଡାଏ
ଆଉ ଫୁଟିବାକୁ ।

ରଂଗ ସାଲୁବାଲୁ ହାତ
ସ୍ୱପ୍ନ ସାଲୁବାଲୁ ଆଖି
ସ୍ଥିରହୋଇ ରହିଯିବେ

Digitized by srujanika@gmail.com

ଯେଉଁଠି ସେଇଠି
କଞ୍ଚା ଜିଅନ୍ତା ଚିତ୍ରରୁ
ଲସା ଝରୁଥିବ;
ସମ୍ଭୋଗ ବେଳାରେ
ବାଣବିଦ୍ଧ ହେବ ପକ୍ଷୀ
ବେଳନାହିଁ ଚଞ୍ଚୁରୁ ଚଞ୍ଚୁକୁ
ଶୃଙ୍ଗାର ବେପଥୁ ମଗ୍ନ ଅପରକୁ
ନିଜଠୁ ଅଲଗା କରି
ମେଲାଣି ମାଗିବା ପାଇଁ ।

ତୁମ ପାଖେ ଚୁକ୍ତିବଦ୍ଧ
ତୁମେ ଆସି ଉଭାହେଲେ
ଛାଡିଦେବି ଦରଗୁନ୍ଥାମାଳ
ଟେକିବିନି ଲାଉଡ଼ଙ୍କ
କାଢିନେବି ହାତ
ବ୍ୟଥାଭରା ବୁକୁପରୁ
ପୋଛିବିନି ଝରୁଥିବା
ଲହୁଲୁହ, ଚାହିଁବିନି
ଗୁଷାହସା ପୃଥିବୀକୁ
ବିଦାୟ ମାଗିବା ପାଇଁ ।

ବଜ୍ରପାତ ବେଳେ
ଠିଆ ଜଳିଯିବା ମୋରସର୍ତ୍ତ
ମୁଁ ତାହା ପାଳିବି ।
ତୁମ ରାଣ, ଅବଶ୍ୟ ପାଳିବି

୦୦୦

Digitized by srujanika@gmail.com

ତୁମେ ମୋତେ ଶହେଥର

ତୁମେ ମୋତେ ଶହେଥର
ହତ୍ୟା କଲାପରେ
ଏ ନିର୍ଜନ ସହରରେ
କାହାକୁ ଖୋଜୁଛ ଆଉ,
ତୁମ ନିଜ ଛାଇ ଦେଖି
କାହିଁକି ଡରୁଛ ?
ରାସ୍ତାକଡ ଦୁଇଟି ଖଜୁରୀଗଛ
ସବୁ ଦେଖିଛନ୍ତି ବୋଲି
କାହିଁକି ଶଙ୍କିଯାଉଛ
ତୁମେ ଆଉ ନିରବତା ମିଶି
ରାଜୁତି କରୁଛ ଏବେ
କାତର ନିର୍ବାକ ମୋର
ଗୁଳିବିଦ୍ଧ ପକ୍ଷୀ ପରି
ରିକ୍ତ ସହର ଉପରେ ।

ତୁମେ ଏବେ ଯାହାଇଚ୍ଛା
ତାହା କରିପାର
ନିରବତା ଠିଆ ହେବ
ନିରବତା ହୋଇ
ନିର୍ଦ୍ଦୋଷ ଖଲାସ ହେବ

Digitized by srujanika@gmail.com

ତୁମେ ତୁମ ଇଜ୍‌ଲାସ ମାନଙ୍କରେ
ରକ୍ତକ୍ଷରା ମୂର୍ଚ୍ଛିତା କିଶୋରୀ ପରି
ଏ ଲୁଣ୍ଠିତା ନଗରୀ ବି
ନିରବ ପଡିରହିବ
ମୃତା ହରିଣୀର ଆଖି
କି ବ୍ୟଥା ବା ବଖାଣିବ
ବାଘ ପଂଝା ତଳୁ ?
ମୋତେ ଖୋଜିବା ଆଳରେ
ଅରକ୍ଷିତ ଅସହାୟ
ଧନ ଓ ଯୌବନ ଲୁଟି ନେଇପାର
ବିଜେତାର ମର୍ଜି ତ ଈଶ୍ୱର !

ଏ ନିର୍ଜ୍ଜନ ସହରରେ
ମାଆମାନେ ମରି ସାରିଛନ୍ତି ।

ଅନାଥ ଶିଶୁ ମେଳରେ
ସେ ଯଦି ବା ଆଡ ହୋଇ
ଠିଆ ହୁଏ, ସେ କେବେ ବି
ହାତପାତି ମାଗି ପାରିବନି
ତୁମେ ବାଣ୍ଟୁଥିବା ରୁଟି ।

ଜାଣିବ ସେ ସୁକୁମାର ରାଜପୁତ୍ର
ମାଗି ଶିଖିନାହିଁ ।
ହତାଦର କରିବ ନି ତାକୁ
ସେ କେବେ ଜାଣି ନଥିବା
ଭୋକର ବ୍ୟଥାକୁ ।
ଦୁଇଟୋପା ଲୁହପରି

Digitized by srujanika@gmail.com

ଦୁଇଟି ଚିଆଁକୁ ନେଇ
ସୁନାବର୍ଣ୍ଣ ମାଈ କୁକୁଡାକୁ
ଏ ନିର୍ଜନ ରାସ୍ତା ଛାଡିଦେବ
ଧ୍ୱଂସରୁ ଧ୍ୱଂସକୁ
ସେ ଯିବାକୁ ଚାହୁଛି ତ ଯାଉ !

ତୁମେ ବରଂ ନିରାମିଷ
ଚଳିଯାଅ ଏ ଦିନକ
ନିଜ ଖାତିରିରେ ।

୦୦୦

Digitized by srujanika@gmail.com

ହେ ସମ୍ରାଟ

ହେ ସମ୍ରାଟ
ତୁମେ ଆସି ଅତର୍କିତ
ଉଭା ହୋଇଯିବ ବୋଲି
ମୋ ଦୁଆରେ, କିଏ ଜାଣିଥିଲା
ମୁଁ କଣ ବର୍ତ୍ତି ପାରିବି
ଏ ପ୍ରଳୟ ଏ ବିସ୍ମୟ
କଞ୍ଚା ମାଟିଘଟେ ଗଂଗାବତରଣ ?
ଦେଖୁଥାଇ ଦେଖିପାରିବିନି
ନିଶ୍ଚଳ ଅବାକ୍ ଚାହିଁ ରହିଥିବି
ଆଖିବାଟେ ପ୍ରାଣ ଚାଲିଯିବ !
ସତ ବୋଲି ଭାବିନେଲେ
ଛାତି ଫାଟିଯିବ ।
ହାତଗୋଡ଼ୁ ଜିଅ ଛାଡିଯିବ
ଅସମ୍ଭାଳ ଆତୁର ଉଦ୍‌ବେଗ
ତୁମେ କାଳେ ଆଗେଇ ଆସିବ
ନୁଆଁଣିଆ ଚାଳପାଖେ
ନଇଁଯିବ ତୁମର ମୁକୁଟ;
ଶହେ ବର୍ଷ ହେବ ପରା
ଘର ଧୁଆ ହୋଇନାହିଁ
କୋଉଠି ରଖିବ ପାଦ

Digitized by srujanika@gmail.com

ବଖରାରେ ଆଦିମ ଅଂଧାର
ଶ୍ୱାପଦର ଗଂଧ
କୁଢ କୁଢ କୁତ୍ସିତ ଖୋଳପା
ଲୁଚି ଲୁଚାଇ ଦେବାକୁ
ଥାନ ନାହିଁ କାଣିଚାଏ ।
ତୁମଯୋଗ୍ୟ ସିଂହାସନ ନାହିଁ ।
କି କରିବି ଯଦି ତୁମେ
ପହୁଡିବାକୁ ଚାହିଁବ
ମୋ ସର୍ବସ୍ୱ ଗୋଟିଏ ଚାଦର
ଲକ୍ଷେ ତାଳି ଝାଳ ଲାଳ
ରକ୍ତ,ରେତ ମଳମୁତ୍ରେ ଓଦା !
ମୋର ଏ ଅଯୋଗ୍ୟପଣ
ଅପରିଚ୍ଛନ୍ନତା
ଗଂଗାଜଳ ଅଣ୍ଟିବନି ଧୋଇବାକୁ
ବେଳ ଗଡିଯିବ ସିନା
ତୁମେ କ'ଣ ଠିଆ ରହିଥିବ
ମୋ ଦୁଆରେ କାଳକାଳ ?
ଦ୍ୱାର ଖୋଲି ପାରୁନାହିଁ
ଘୁଞ୍ଚିପାରୁନାହିଁ ଆଗକୁ, ପଛକୁ
କ୍ଷମାକର, କ୍ଷମାକର
ଜପୁଛି ଲୋତକ ବନ୍ୟା
ଶରୀର ବେପଥୁ
ବଜ୍ରପାତ ହୁଅନ୍ତା କି
ଡାଳ ଚୂଳେ, ବାୟାବସାପରି
ଜଳିଯାନ୍ତା ମୁହୂର୍ତ୍ତକେ ସବୁ
ବର୍ତ୍ତିଯାନ୍ତି କ୍ଷୁରଧାର ସଂକଟରୁ
ତେଣିକି ତୁମର ମର୍ଜି

୦୦୦

Digitized by srujanika@gmail.com

Digitized by srujanika@gmail.com

ନୂଆଁଣିଆ ଅପରାହ୍ନବେଳେ

ନୂଆଁଣିଆ ଅପରାହ୍ନବେଳେ
ତାକୁଦେଖି ମୁଁ ପଚାରିଥିଲି
ଦୂରଦର୍ଶନକୁ ବାଟ, ତା' ଆଖିକୁ,
ଖରାରେ ଧକଉଥିବା ଆତୁର ପକ୍ଷୀକୁ
ଚାହିଁବାକୁ ବେଳ ମୋ ନଥିଲା ।
କାହିଁକି ବା ଚାହିଁଥାନ୍ତି
ସେତ ଜଣେ ମୋ ଭଳି ବାଟୋଇ
ମୁଁ ଯାଉଛି ସେ ଯୁଆଡୁ ଆସୁଥିଲା
ସେ ଯାଉଛି ମୁଁ ଯୁଆଡୁ ଯାଉଥିଲି ।
ସେ ମୋତେ ତ ଦେଇଦେଲା ମୁଁ ଯାହା ଚାହିଁଲି
ମୁଁ ତାକୁ ଦେଲିନି କିଛି, ସେ ବି ମାଗିଲା ନି,
ଦରମେଲା କବାଟ ଉହାଡୁ ଗୋଟିଏ ଆଖିରେ
ଆଖିଏ ଅକୁହା କଥା ବୁଝିପାରିଲିନି
ସେ ତେଣିକି ଏଠି ସେଠି ଦେଖାଦେଲା
କେତେବେଳେ ପୁରୁଷ ତ କେତେବେଳେ ନାରୀ
କେତେବେଳେ କେଉଟତ କେତେବେଳେ ଜାଲ
ବାଟ ଜଗି ଠିଆହେଲା ନିରୋଳାରେ
କରଞ୍ଜ ଛାଇରେ ଲୁଚିରହି ଓହଟି ଚାହିଁଲା
ଚାହୁଁ ଚାହୁଁ ପଶିଗଲା କଣ୍ଟାବଣ ଅମଡାଭିତରେ
କେରାଏ କୁହୁଡି ପରି, ରେଶମୀ ଓଢଣି ପରି
ମୁଁ ଏଣିକି ମନେ ମନେ ଲୋଡିଲିଣି ତାକୁ

Digitized by srujanika@gmail.com

ଡରିଲିଣି ଏକୁଟିଆ ରହିବାକୁ କାଳେ
ନିଶବଦେ ଲାଖିଯିବ ମୋ ବୁକୁରେ
ଶୋଷିନେବ ପ୍ରାଣ, ଅବା କୁହୁକରେ ମୋତେ
ମଣ୍ଡିଦେବ ବହୁବିଧ ବାସ୍ନା ଆଉ ବର୍ଣ୍ଣର ଫୁଲରେ ।
କେହିମୋତେ କୃପାକର ଯେ ଜାଣିଛ
କହିଦିଅ ସେ କିଏ ସେ କାହିଁକି ବା
ମୋ ପଛରେ ଲାଗିଛି ଏମିତି
ନାରୀ କି ପୁରୁଷ ଅବା, ନର ବା କିନ୍ନର
ସପ୍ତଲୋକେ କେଉଁଠି ତା ଘର
ଯୋଦ୍ଧା ଅବା ଭୀରୁ ପଳାତକ
କଣ ଚାହେଁ ଦିଶିବାକୁ ଜକଜକ
ନଖଦର୍ପଣରେ ଅବା ହତ୍ୟା କରିବାକୁ
ସେ ନିସ୍ତବ୍ଧ ପଳାଶ ବଣରେ ।
ସେ ନଦୀ କି ନାଆ ଅବା ବିଦଗ୍ଧ କାଣ୍ଡାରୀ
ଯେ ସାଧିଛି ଏ ଘାଟ ସେ ଘାଟ ।
କାହିଁକି ବା ମୋତେ ଉଚ୍ଚାଟୁଛି
ଅଥୟ କରୁଛି ଆସି ବେଳ ଅବେଳରେ
ତା' ଠାରରେ ସେ ବୋଧେ କହୁଛି
ଓହ୍ଲେଇଆ ବାଲି ଉପରକୁ
ପାଦଶବ୍ଦ ଶୁଭିବ ନି
ହୁଏତ' ପାଦେ ଦି' ପାଦ ଛଳଛଳ ପାଣି
ସେଇଠୁ ମୁଁ ହାତଧରି
ତୋଳିନେବି ନାଆ ଉପରକୁ ।
ବାହିନେବି ନିଶବଦେ ହେଇ ସେ ଦୂରରେ
ଦାଉଦାଉ ଦିଶୁଥିବା ଆଲୋକ ସ୍ତମ୍ଭକୁ
ଆରପାରି ଦୂରଦର୍ଶନ କୁ ।

୦୦୦

Digitized by srujanika@gmail.com

ଧନ୍ୟ ହେଲି ଆଜି ତୁମ ଉପହାର ପାଇ

ଧନ୍ୟ ହେଲି ଆଜି ତୁମ ଉପହାର ପାଇ
ସୁନା ଚାଙ୍ଗୁଡିରେ ଭରା ଜବାଫୁଲ ପରି
ସୂର୍ଯ୍ୟ ଆଉ କେରା କେରା ସରୁମେଘ
କଅଁଳ ନହକା କାଶତଣ୍ଡୀ ଫୁଲ
ନୀଳ ବନାତ ଉପରେ
ଭାସମାନ କୁନ୍ଦକଢ, ବଳାକା ବଲ୍ଲରୀ ।

ନିରେଖି ଚାହିଁଲି କାଳେ ଗୋଲାପ ପାଖୁଡା ପରି
ଦୁଇଟି ପାପୁଲି ଅବା ଦିଶିଯିବ ବନାତ ଉହାଡୁ ।
କାହୁଁ କାହୁଁ ବାସ୍ନା ଆସି ବଣମୂଳକରୁ
ଶୀତଳଚନ୍ଦନ ଶ୍ୱାସ କାହାର କେଜାଣି
ମୋ ସର୍ବାଙ୍ଗ ପୁଲକିତ କଲା
ନହବତ ବାଜିଲା ହଠାତ୍ ଚହଚ[illegible] ପକ୍ଷୀଙ୍କ ଡାକରେ ।

ମୁଁ କିବା ଭାଜନ ସତେ ଏ ଐଶ୍ୱର୍ଯ ପାଇଁ
ଏ ହୁଏତ ଅର୍ଘ୍ୟଥାଳି
ରାଜ ରାଜେଶ୍ୱର ପାଇଁ ମୋ ଉହାଡେ
ଲୁଚିରହି କୌତୁକେ ଆସ୍ୱାଦୁଥିବା
ସମ୍ରାଟଙ୍କ ପାଇଁ । ନିଜେ ନିଜପାଇଁ ଅବା
ସର୍ଜିଛି ଏ ଆଡମ୍ବର ।

Digitized by srujanika@gmail.com

ତଥାପି କାହିଁକି
ମୋତେ ତୁମେ ନାନାମନ୍ତେ ପତ୍ୟୟ ଦେଉଛ
ମୋ ପାଇଁ ଏ ସବୁ ଖେଳ, ମାଟିରୁ ଆକାଶ ଯାଏଁ
ମୁଁ କୁଆଡେ ଜାଣି ପାରୁନାହିଁ
କିଏ ଖେଳ କିଏ ବା ଖେଳାଳି
ବିବିଧ ଏ ରୂପବର୍ଣ୍ଣ ଆଢୁଆଳ କରି
ତୁମେ ହିଁ ସର୍ଜି ଲାଗିଛ
ଆଜିର ଏ ଅପୂର୍ବ ସକାଳ
ମହମହ ବାସୁଥିବା ଝଟଝଟ ଦିଶୁଥିବା
ଚହଚହ ଡାକୁଥିବା ଦୁର୍ଲଭ ସକାଳ !

୦୦୦

Digitized by srujanika@gmail.com

ମୋତେ ତୁମେ କେବେ ଦେଖିନାହଁ

ମୋତେ ତୁମେ କେବେ ଦେଖିନାହଁ
ଦରବୁଜା ଆଖିରେ ଅନାଅ ଖାଲି
ଦେଖୁଥାଅ ବାରଜାତି ସ୍ୱପ୍ନ ।

ମୁହଁ ଦିଶେ ନାହିଁ ଜହ୍ନ ଦିଶେ ଜହ୍ନଟାଏ
ପଦ୍ମଫୁଲ, କୁନ୍ଦକଢ ଧନୁ ଓ ନାରାଚ
କେତେବେଳେ ମେଘ ଓ ବିଜୁଳି
କୁରଙ୍ଗ ଶିଶୁର ଆଖି ଆଉକେତେ କଣ
ହସମାଡେ ଲାଜମାଡେ ଯେତେବେଳେ
ତୁମେ ଦେଖ ମୋ ଚାଲିରେ ହାତୀ ଅବ ହଂସ
ଭଲପାଅ ବୋଲି କ'ଣ
ଏତେ କଥା ଦେଖିବା ଜରୁରି
ମୋତେ ଆଳ କରି
ବାରଆଡେ ଭ୍ରମିବା ତୁମକୁ
କାହିଁକି ଯେ ଭଲଲାଗେ
ମୁଁ ଜାଣି ପାରେ ନି ।

କେବେ କ'ଣ ଦେଖିଛ ସେ
ଈଷତ୍ ଶ୍ୟାମଳ ବର୍ଣ୍ଣା
ସରୁକଟି ଲମ୍ବାଗୋଡ
ବଡଆଖି ଧଳାଦାନ୍ତ

Digitized by srujanika@gmail.com

ଜୁଡାରେ ମଲ୍ଲିକାମାଳ
ଦେହରେ ପତଳା ଶାଢି
ତୁମଆଡେ ନିଷ୍ପଲକ ଚାହିଁଥିବା
ତୁମ ପ୍ରେୟସୀକୁ ?
ଛୁଇଁଛ କି ଉଷ୍ଣୁମ ନରମ ଦେହ
ଚାହିଁଛ ସେ ବିଭୋର ଆଖିକୁ ?
କିଏ ସେଇ ଉର୍ବଶୀ ମେନକା
ଯେତେ ସବୁ ତୁମର ବାଲୁତ ସ୍ୱପ୍ନ
ମୋତେ ଆଳ କରି ତୁମକୁ ଆବୋରିଛନ୍ତି ।

ତାଙ୍କ ଭିଡକାଟି
ମୋତେ ତୁମେ କେବେ ଦେଖିନାହଁ
ମୋ ଆଖିରେ, ମନରେ ପ୍ରାଣରେ
ତୁମ ପ୍ରତିବିମ୍ବ ।

ତୁମ ଦରବୁଜା ଆଖି
ଖୋଲି ଦେଖ ନିର୍ମଳ ଦୃଷ୍ଟିରେ
ତୁମ ଆଗେ ଉଭା ତୁମ ସ୍ୱପ୍ନର ଆଧାର
ଏ ଯାଏଁ ଚିହ୍ନି ନଥିବା
ଦେଖି ବି ନଥିବା
ତୁମର ପ୍ରେୟସୀ ।

୦୦୦

Digitized by srujanika@gmail.com

ସହଜସୁନ୍ଦରୀ କେବେ

ସହଜସୁନ୍ଦରୀ କେବେ
ସହଜରେ ମୋତେ ଆଦରିବା ପାଇଁ
ପୁଣ୍ୟ ନାହିଁ ମୋର ।
ତା’ ସମ୍ମତି ବିନା
ତାକୁ ଛୁଇଁ ଦେବାଭଳି
ପାମର ମୁଁ ନୁହେଁ ।
ନିକାଞ୍ଚନ ବେଳ ଦେଖି ସେ ଓହ୍ଲାଏ
ନୀଳ ଗଗନରୁ ମେଘ ଉହାଡରୁ
ଅବା ଗଛଗହଳରୁ ବୋଲି
ଶୁଣିବାକୁ ମିଳେ ।
ଆକାଶରୁ ତାରାଦୀପ ଲିଭିଗଲେ
ପବନ ନିସ୍ତବ୍ଧ ହେଲେ
ବହୁଦୂରୁ ସେ ମହକି ଆସେ ।
ଆସ୍ତେ ପାଦଶବ୍ଦ ଶୁଭେ
ଭୁରୁଭୁରୁ ଗଂଧ
ଭରିଯାଏ ଆକାଶ ବୁକୁରେ
ଆକସ୍ମାତ୍ ଫୁଲ ବର୍ଷାହୁଏ ।
କେହି ଜଣେ ଚଉଦିଗୁ ବେଢି
ନାଆଁଧରି ଡାକିଲା ପରିକା ଶୁଭେ ।
ଅଂଧାରରେ ଫୁଲ ପାଖୁଡାରେ
ହାତ ବାଜିଗଲା ପରି, କାନମୂଳେ

Digitized by srujanika@gmail.com

ନିଶ୍ୱାସ ବାଜିଲାପରି ଲାଗେ ଅବା
କେମିତି କେମିତି ଲାଗେ ।
କିଏ କହେ ନୀଳବର୍ଣ୍ଣା
କିଏ କହେ ଚଂପାଗୋରୀ
ବିଜୁଳୀ ଚମକ ପରି ଦିଶି ଲିଭିଯାଏ ।
ଲୁତାଜାଲ ପରି ସ୍ପର୍ଶ, ପାହାଡ ଶିଖରୁ
ଭାସିଆସୁଥିବା ଝୀନ ଘୁଂଗୁରର ଧ୍ୱନି
ନିଜନିଜ ପୁଣ୍ୟଫଳ
ବିଳମ୍ବିତ ରାତିରେ କିଏ ସେ
ଆସିଲା ବା ଗଲା ମୁଁ ଜାଣେନି
ମନେ ହୁଏ ମୋ ପାରୁଶେ କା ଗଭାର
କିଛି ଫୁଲଗଂଧ କିଛି ଚିକୁରର ବାସ୍ନା
ଲିଭି ଲିଭି ଆସୁଥିବା
ସ୍ୱପ୍ନସମ ସୁକୁମାର
ଆଖିପତା ବୁଜିହୋଇ ଆସିବାର
କୋମଳ ବୈଭବ ।
ମୁଁ ନିମଗ୍ନ ସ୍ୱପ୍ନଗ୍ରସ୍ତ ଥିବାବେଳେ
ସେ ମୋତେ ଆବୋରିରଖେ
ସୌରଭରେ, ଭରିଦିଏ ମଙ୍ଗଯାଏଁ
ଗଜମୁକ୍ତା ମାଣିକ୍ୟ ସଂପଦ
ଭାରିଭାରି ଆଖିପତା
ଦରମେଲା ବୋଝେଇ ବୋଇତ
କୂଳ ଛୁଇଁଲା ବେଳକୁ
ସେ ଓହ୍ଲେଇ ଯାଉଥାଏ
ଓଦାବାଲି ପରେ ଆକିଂଦେଇ
ପାଦପଦ୍ମ ମୋ ରିକ୍ତ କବିତା ।

୦୦୦

Digitized by srujanika@gmail.com

ଅଂଧାରରେ ଡରି ଡରି

ଅଂଧାରରେ ଡରି ଡରି
ବାରିବାରି ପାହାଡ ଚଢିବା,
ନିୟୁତ ପାହାଚ ପରେ ଥକିଯିବା,
ଅଂଧାରକୁ ଟିପମାରି କଳିବାକୁ
ନିଃଶ୍ୱାସରେ ଗଂଧ ବାରି ଚାଟିବାକୁ
ଜିଭ ଲମ୍ବାଇବା
ସର୍ବଶେଷ ପାହାଚକୁ ଆସ ଆସ ବୋଲି
ଆତୁର ଆବେଗ ନେଇ ସମ୍ବୋଧିବା
ପୂର୍ବପରୁଷ ମାନଙ୍କୁ ଅଗାଧ ଅଂଧାର ତଳୁ
ଉଠିଆସି ଉଭାହୁଅ ବୋଲି ମନାସିବା
ପାହାଚ ପରେ ପାହାଚ ତା'ପରେ ପାହାଚ
ଅହରହ ଚଢୁଥିବା ବଢି ଚାଲିଥିବା
ହୃତ୍‌ପିଣ୍ଡରେ ଗଣି ଗଣି
ନିଃଶ୍ୱାସରେ ମାପିମାପି ଅସରନ୍ତି ।

ପଥରରେ ଗାରପରି ବିଧିର ବିଧାନ
ସୁଖ ଦୁଃଖ କିଛିନାହିଁ ଅଂଧାର ଆଲୁଅ ନାହିଁ
ମିତ୍ରଟିଏ ନାହିଁ କାହିଁ ଉଚ୍ଛିବାକୁ ଆସ ବୋଲି
ଶତ୍ରୁଟିଏ ନାହିଁ ଏଠି ଯୁଝିବାକୁ
ପ୍ରୀତି ନାହିଁ ସ୍ୱପ୍ନନାହିଁ ନୀଡ ରଚିବାକୁ

Digitized by srujanika@gmail.com

ଶୂନ୍ୟରୁ ଶୂନ୍ୟକୁ ଖାଲି ପାହାଚ ପାହାଚ ।
ଭିତରୁ ବାହାରୁ ଶୁଭେ କାହାର ଏ ଚିହ୍ନାସ୍ୱର
କଂପୁଛି ଫଂକୁରୀ / କଂପୁଛି ଅଂଧାର
ଆଖିମେଲି ଥରେ ଚାହଁ ଝଟକୁଛି ପୃଥିବୀ
ଆକାଶ ସାରା ଆଲୁଅ, ପକ୍ଷୀସ୍ୱନ ଚଉଦିଗ
ଚାହିଁ ରହିଛନ୍ତି କେବେ ଓହ୍ଲେଇବେ ରାଜା
ମଳୟ ମୁକୁଟ ପିନ୍ଧି ଅଭିଷିକ୍ତ ହେବେ
ଅଂଧାର ଘୁମୁଟ ପୁରେ ଲୁଷିଛନ୍ତି ରାଜା
ଆଖିବୁଜି ଗଣୁଛନ୍ତି ଭଉଁରୀ ପାହାଚ
ଖେଳୁଛନ୍ତି ଡର ଖେଳ
ଏକା ଏକା କାହିଁକି କେଜାଣି ।

ମୋ ପାହାଚ ଟଳମଳ
ଅଂଧାର ବି ଢଳଢଳ
ଫାଟି ପଡ଼ିବ କି ସୂର୍ଯ୍ୟ
ଫିଟିଯିବ ଆଖି ?

୦୦୦

Digitized by srujanika@gmail.com

ବାହୁମେଲି ମାଗୁଛୁ ନା ଯାଚୁଛୁ ଆଶ୍ଲେଷ

ବାହୁମେଲି ମାଗୁଛୁ ନା ଯାଚୁଛୁ ଆଶ୍ଲେଷ
ବିସ୍ମୃତ ଅଧର ରେଖା ହସୁଥାଏ ଅବା
କଂପୁଥାଏ ଗୁଢ ଆବେଗରେ ?
ପଲକ ନଥିଲେ
ଅର୍ଥନାହିଁ ଚାହିଁବା ନ ଚାହିଁବାର !
ମାଳ ଚୂଳ ପାଟଛିଟ
ଖସୁଥାଏ, ଖଞ୍ଜା ହେଉଥାଏ
ବଣ୍ଟାହୁଏ, କାଢି ନିଆ ହୁଏ
ଦିବ୍ୟ ଶାଳିଅନ୍ନ ଅବା ଅଦିବ୍ୟ ବଗଡା
କିଏ ଭୁଂଜେ କିଏ ଚାହିଁରହେ ଯେବେ
ପାରି ହେଉଥାଏ ଅନ୍ନ ଅଗ୍ନିରୁ ଅଗ୍ନିକୁ ?
ଚଲାମେଘ ପରି ନୀତି ଚଳଣି ଖଟଣି
ବେଶକାରୀ ମଇଲମ ମାଜଣା ଦୟଣା
ଲିଭିଯାନ୍ତି, ନିସ୍ପୃହ ସେ ନୀଳ ଆକାଶରେ
ପଡେନାହିଁ - ପାଦଚିହ୍ନ ପକ୍ଷୀର ମେଘର ।

ଆକାଶ କି ଧରାଦିଏ ପଂଞ୍ଜୁରୀରେ ପକ୍ଷୀପରି
ବସିରହେ ପଥର ପିଣ୍ଡିରେ
ଢଳଢଳ ଚାହିଁ ରହେ (ଗମ୍ଭୀର ଭିତରେ)
ଘେନେ ନାହିଁ ପ୍ରାର୍ଥନା ଭର୍ତ୍ସନା
ସେ ଚାହାଣି କହେନାହିଁ କଥା କିଛି

Digitized by srujanika@gmail.com

ଦେଖେ ନାହିଁ ଛାଇ ବା ଆଲୁଅ ଅବା
ଭଳି ଭଳି ରୂପ ପଟୁଆର ।
ଶୂନ୍ୟଭରା ସେ ଚାହାଣି ଉଦାସ କରୁଣ
ସେ ଚାହାଣି ପଥର ଘେରରେ ବଂଧା
ସବୁ ପକ୍ଷୀଙ୍କର, ଅକୁଳୀନ ଯାତନାର
ଅସହାୟତାର, ସେ ଚାହାଣି ସୂର୍ଯ୍ୟର ଚନ୍ଦ୍ରର ଅବା ମୁକ୍ତ ଆକାଶର ?

ଜାଣିବାର ଲୋଡାନାହିଁ
ଲୋଡାନାହିଁ ମାଗିବାର କଛି
ଯେ ଦେଇସାରିଛି ସବୁ ତାକୁ ଚାହଁ ନିରବରେ
ତାକୁ ଅଙ୍ଗୀକାର କର, ଥରେ ଆଲିଙ୍ଗନ କର
ଆହା ଆହା କହୁଥିବା ବୁକୁରେ ଲଗାଇ
ଥରେ ଭିଡିଧର ଆଖିବୁଜି ନିରବରେ ।

୦୦୦

Digitized by srujanika@gmail.com

ମାନ ବା ନ ମାନ କିନ୍ତୁ ତୁମ ରାଣ

ମାନ ବା ନ ମାନ କିନ୍ତୁଚ ତୁମ ରାଣ
ଆସିବା ବାଟରେ ମୋତେ ସାପ ଗିଳି ଦେଲା
ତା ଗର୍ଭରେ ସାତଜନ୍ମ ପାରି ହୋଇଗଲା ।
କ'ଣ ବା ମୁଁ କରିଥାନ୍ତି କହ
ଅଂଧାରରେ ଜନ୍ମିବା ମରିବା ଛଡା
ଅଗାଧ ସେ ସମୁଦ୍ରରେ ନିଜକୁ ଖୋଜିବା ଛଡା
ବେଳେ ବେଳେ କେମିତି କେଜାଣି
ଚମକିଲା ପରି ମୋର ମନେ ହେଉଥିଲା
ଆଉକିଏ ମୋତେ ଛକିଥିଲା ପରି
ଅହରହ ଧରି ନେବା ପାଇଁ
ସାପ କ'ଣ ଚାହୁଁଥିଲା ଆଉଥରେ ଗିଳିବାକୁ ମୋତେ
ଠପ୍ ହଠାତ୍ ଧରିନେଲା ଆଉ
ସେ କିନା ରାତି ପାହିଗଲା
ଆକାଶରେ ଅକଳନ୍ତି ଫୁଲ ଫୁଟିଗଲା
ମୁଁ କଣ ଦେଖୁଛି ନା ଜାଣିଛି
କିଏ ମୋତେ ପ୍ରସବିଲା ଅନ୍ଧାରରୁ ଆଲୁଅକୁ ।

ଯାହା ହେଲା, ହେଲା ବନ୍ଧୁ ଏବେ କହ
ଏତେ କାଳ ଆସିପାରି ନାହିଁ ବୋଲି ହଟ କରିଛକି ?
ମୁଁ ମାନୁଛି ମାଲ୍ୟାଣୀର କୁହୁକ ମନ୍ଦିର
ତା' ଚାଟୁବଚନ ଆଉ ତା ଲୋତକ ବନ୍ୟା

Digitized by srujanika@gmail.com

ସତ ମଣି ତା ଦ୍ରୁହାସ ବିଲୋକ ଚାହାଣି
ଥମିଗଲି ଦଣ୍ଡେ ମାତ୍ର ଦମ୍ଭ ଧରିବାକୁ
ସେତିକିରେ ପ୍ରତି ନିଃଶ୍ୱାସରେ
ପାରି ହୋଇଗଲା । ଅପ୍ରାଧ ମୁଁ କରି ନାହିଁ ଜାଣିଶୁଣି
ଚାଲୁ ଚାଲୁ ଝୁଣ୍ଟି ପଡିଥିଲି ବୋଲି
ସାପ ଗିଳିଦେଲା
ମେଣ୍ଢା କରିଦେଲା ମୋତେ
ମାଲ୍ୟାଣି ତା କୁହକୁ ମନ୍ଦିରେ ।
ଅଣାୟତ୍ତ କେତେକଥା ନ ହୁଏ କହିଲ ?

ଏବେ ଦେଖ ସାରା ରାତି ସାରାଦିନ
କରଯୋଡି ତୁମରି ଛାମୁରେ
ନେହୁରା ହେଉଛି ଦୋଷ ନ ଘେନିବା ପାଇଁ
ତୁମ ପାଇଁ ଆତୁର ତୃଷାରେ ସିନା
ପିଇଗଲି ମରିଚିକା ଚନ୍ଦ୍ରାବଳି କି ପୁରେ
ଓହଇ କାନ ମୋଡି ହେଲି
ତୁମ ରାଣ ଆଉ କେବେ
ଏପରି ହେବନି ।

୦୦୦

Digitized by srujanika@gmail.com

ମୋ ଶୋଷର ଆୟତନ ତିନୋଟି ଗଣ୍ଡୁଷ

ମୋ ଶୋଷର ଆୟତନ ତିନୋଟି ଗଣ୍ଡୁଷ
ଚାତକ ମାଗିବା ଦେଖି ମୁଁ ବି ମାଗିଦେଲି
କି ଅବା ଅଗ୍ରାଧ କଲି ସେଥିପାଇଁ କିବା
ଆକାଶ ଯାକର ମେଘ ଅଜାଡ଼ିଲା ସମୁଦ୍ରେକ ପାଣି
ମେଘମାନେ କୁହା କୁହି ହେଲେ :
ବିଶ୍ୱାସ କରନା କେବେ ବାମନ ବିପ୍ରକୁ
ତିନୋଟି ଗଣ୍ଡୁଷ ମାଗି ପିଇଯିବ ସପ୍ତସିନ୍ଧୁ ଜଳ
ସାବଧାନ, ତା ଉପରେ ଠିଆ କର ସାତତାଳ ପାଣି
ସମୁଦ୍ରକୁ କହିଦିଅ ମାଡ଼ିଯାଉ, ବୁଡ଼ିଯାଉ
ଶୋଲ ପରି ଭାସୁଥିବା ତା ସପ୍ତ ପୁରୁଷ ଶୋଷ
ତା ସପ୍ତ ପୁରୁଷ ଯାଏ ଆଉ କେହି କହିବେନି
ଶୋଷ କଲା ବୋଲି ।

ମାନୁଛି ମାଲିକେ ଶୋଷ ଏକ ଅପରାଧ
ରାଜ ଦ୍ରୋହ ପାଣି ମାଗି ଦେବା
ତୁମ ଧର୍ମଶାସନରେ କେମିତି ବା
ଶୋଷ କରିଥାନ୍ତା ତୁମ ବଡ଼ପଣ ଆଉ
ଟେକ ରଖିବାକୁ ଅଜାଡ଼ିଲ ବର୍ଷା ସିନା

Digitized by srujanika@gmail.com

ଜଳାର୍ଣବ ଜଳ ପୃଥ୍ୱୀ ଶୋଷ ମେଣ୍ଟିଲାନି ।
ଶୋଷକୁ ତ ଚିହ୍ନିଲ ନି ବନ୍ଧୁ
ବୁଝିଲ ନି ଚାତକ ଚାହାଣି
କ'ଣ ଅବା କହିବି ତୁମକୁ ।

ମୋ ଦେହରେ ମାଟି ପାଣି ପବନର ନିଆଁ
ପିଣ୍ଡପ୍ରାଣ ମନର ବିସ୍ତାର
ଏ ପୃଥିବୀ ଏ ଜଳଧି ଏ ଅଦୃଶ୍ୟ ପବନ ପ୍ରବାହ
ଗଣ୍ଡୁଷେ ଗଣ୍ଡୁଷେ ଶୋଷ ଭୋଗୁଛନ୍ତି କାହିଁ କେଉଁକାଳୁ
ତୁମେ ଖାଲି ଜାଣି ନଜାଣିଲାପରି
ଅବଲୟ କରୁଛ ଏମିତି ତୁମେ କଣ
ଜାଣ ନାହିଁ ଏ ଦୁର୍ବାର ଶୋଷ ମୋର
କେବଳ ତୁମରି ପାଇଁ ।

୦୦୦

Digitized by srujanika@gmail.com

Digitized by srujanika@gmail.com

ହାତ ପାଇନାହିଁ ବୋଲି ସିନା

ହାତ ପାଇନାହିଁ ବୋଲି ସିନା
ନ ହେଲେ କି ପାଚିଲା ପିଜୁଳି ସାରା
ମଞ୍ଜି ସରସର କହି
ମୁହଁ ମୋଡି ଚାଲି ଯାଇଥାନ୍ତ ?
ତଥାପି ତା ବାସ୍ନା କେବେ ମନେ ପଡୁଥିବ
ବୁଧସର ପରି ରଂଗ ଦିଶି ଯାଉଥିବ ।

ହାତ ଉଛୁଳିଲା ଭଳି ସେ ଅମୃତ ପିଣ୍ଡ
ଗିଳ୍ପଣ ବର୍ତ୍ତୁଳ ରୂପ ବାଇ କରୁଥିବ
ବାରମ୍ବାର ମନେ ହେଉଥିବ
ଫେରିଯାଇ ଗଛମୂଳେ ପୁନଶ୍ଚ ଯାଚକ ହୋଇ ଠିଆ ହେବା ପାଇଁ
କେବେ ଯଦି ସତେ ଫେରିଯାଅ
ଅଚିହ୍ନା ଲାଗିବ ସବୁ
ଏ ଗଛ ସେ ଗଛ ନୁହେଁ
ଏ ପିଜୁଳି ସେ ପଜୁଳି ନୁହେଁ
ହାତ ବଢାଇଲେ ଅବା
ଫଳଟାଏ ଧରା ଦେଇପାରେ
ଅମୃତଫଳ ଏ ନୁହେଁ

Digitized by srujanika@gmail.com

ଏ ଅମୃତ ବେଳା ନୁହେଁ
ନଈପାଣି ଘୁଞ୍ଚିଗଲା ସମୁଦ୍ର ମୁହାଣ
ଜହ୍ନଛାଇ ଲିଭିଗଲା କାହିଁ ଗହୀରରେ
ଥରେ ବାଟ ଭାଙ୍ଗି ଦେଇ ଚାଲିଗଲା ପରେ
ଆଉ ତ ମିଳିବା ନୁହେଁ
ସେ ତରୁଣ ସ୍ୱପ୍ନ ।

୦୦୦

Digitized by srujanika@gmail.com

କିଏ ସେ କହିଲ ଦେଖି

କିଏ ସେ କହିଲ ଦେଖି
ମୁହଁ ସଞ୍ଜବେଳେ
ଚିହ୍ନା ମୁହଁ ଅଚିହ୍ନା ଦିଶିଲା ବେଳେ
ମାଛି ଅନ୍ଧାରରୁ ଆସି
ବାଟବଣା ହେଲା ପରି
ମନେ ମନେ କାହାକୁ ଖୋଜିଲା ପରି
ଡରି ଡରି ଲୁଚିଗଲା ପରି ଆସି
ଠିଆ ହେଲା ତୁମ ଅଗଣାରେ
ଯୁଇଗଛ ଆଡୁଆଳ କରି ?

ଭାବିଲ କି ହେଇଥିବ
ଯାଚକ ସୁଦାମାଟିଏ
ସଖାପଣ ଭୁଲି ପାରୁନାହିଁ
ହୁବ କରି ପାରୁ ନାହିଁ
ଦିନ ଆଲୁଅରେ ଆସି
ଚିହ୍ନା ଦେବା ପାଇଁ ?

ସେ କେବଳ ନିଶ୍ଚଳ ପ୍ରତିମାଟିଏ
ଠିଆ ରହିଗଲା ଆସି

Digitized by srujanika@gmail.com

ପ୍ରଗାଢ ପ୍ରତ୍ୟୟ ନେଇ
ତୁମେ ନିଶ୍ଚେ ତାକୁ ଚିହ୍ନି
ଓହ୍ଲେଇ ଆସିବ ନିଜେ
ଯୁଇଗଛ ଆଢୁଆଳ ଯାଏ ?
ବହୁଦିନ ଭାବଦୋସ୍ତି
କାଳେ ତୁମେ ମନେ ପକାଇବ
ନାଁ ଧରି ଡାକିଦେବ
ପଚାରିବ କୁଶଳ ବାରତା
ଦୋଳି ସିଂହାସନେ ବସି ହାତ ବଢାଇବ
ତାକୁ ଚାହିଁ ମୃଦୁ ହସିଦେବ
ସରିଯିବ ତାର ଯାତ୍ରା
ଅନନ୍ତ ଯାଚକ ପଣ
ହୋଇ ପାରେ ସେ ଘାତକ
ଛାପିଛି ଉହାଡ ଦେଖି ।

ତା ଜିଘାଂସା ବିସ୍ଫୋଟ ବହ୍ନିରେ
ପ୍ରଭୁଶୂନ୍ୟ କରିଦେବ
ଏ ଦିବ୍ୟ ଉଆସ !
ସେ ଜାଣେ ସେ ଆସିଛି
ବାରଂବାର ଫେରିବାକୁ
ଶୂନ୍ୟଥାଳ ନେଇ
ତାକୁ ତୁମେ ଦେଖି ଦେଖିନାହଁ
ଚିହ୍ନି ସୁଦ୍ଧା ଚିହ୍ନିନାହଁ
ବାରୁଦ ଭଣ୍ଡାର ପରି
ତାର କ୍ରୋଧ ଅପମାନ
କମ୍ପୁଛି ଅଧୀର ହୋଇ
ନିଶ୍ଚଳ ଅନ୍ଧାରେ ।

Digitized by srujanika@gmail.com

ତୁମେ କେବେ ଦେଖିପାରିବ ନି
ବେଳ କାହିଁ ଚାହିଁବାକୁ
କିଏ ଆସିଲା ବା ଗଲା
ଅବା ଆସିଠିଆ ହେଲା
ଯୁଗଗଛ ଆଢୁଆଳ କରି ?

ମୋତେ ଚାହିଁ କହଦେଖି
ଚିହ୍ନିଛ ନା ନାହିଁ
ମୁଁ ଆସିଛି ଚିହ୍ନା ଦେବାପାଇଁ
ଯାଚକର ଘାତକର
ଅଶ୍ରୁ ବେପଥୁର
କ୍ରୋଧ ପ୍ରେମ ଜିଘାଂସାର
କେତେକାଳୁ ତୁମସାଥେ
ଚାଲିଥିବା ଛକାପଂଝା
ଭାବଦୋସ୍ତି ଯୁଦ୍ଧ ପ୍ରଣୟର ।

ନ ଚିହ୍ନି ଉପାୟ ନାହଁ
ମୁଁ ତୁମ ଦୋସର ପରା
ଆଖି ତଳକୁ ନ କରି
ମୋତେ ଚାହିଁ କହ ଯାହା
କହିବାର କଥା ।

୦୦୦

Digitized by srujanika@gmail.com

ଯୁଦ୍ଧରେ ହାରିବା କିଛି ନୂଆ କଥା ନୁହେଁ

ଯୁଦ୍ଧରେ ହାରିବା କିଛି ନୂଆ କଥା ନୁହେଁ
ଜିଣିବା ସେମିତି କିଛି ବଡ କଥା ନୁହେଁ
ଝଡ ସାଥେ ଲଢୁଥିବା ପକ୍ଷୀ
ଜାଣିଥାଏ ଆକାଶରୁ ଆକାଶକୁ
ଲଘିଂ ଯାଉଥିବା ଡେଣା
ଝଡି ନ ପଡିବା ଯାଏଁ
ତାର କେବେ ପରାଜୟ ନାହିଁ
ଯୋଦ୍ଧା ଲଢେ
ମରେ ଅବା ଛିନ୍‌ଛତ୍ର ହୁଏ
ହାରେ ନାହିଁ କେବେ !

ମରିବା ହାରିବା ନୁହେଁ
ଯୁଦ୍ଧରେ ମରିବା କିଛି ନୂଆ କଥା ନୁହେଁ
ହାରିବା ବି ନୂଆକଥା ନୁହେଁ
ପଚାର ସେ ଲଢୁଆ ପକ୍ଷୀକୁ
ତା ବିପକ୍ଷ ଝଡ ବତାସିକୁ
ସେ କେମିତି ଲଢିଜାଣେ
ମରିଜାଣେ, ହାରିଜାଣେ ନାହିଁ ।

୦୦୦

Digitized by srujanika@gmail.com

ଦେଖିବୁଟି ଝିଅ

ଦେଖିବୁଟି ଝିଅ
କିଏ ସେ ଆସିଛି
ଏତେ ରାତିରେ କାହିଁକି
ଏ ସାହିକୁ
ଝର୍କା ଫାଙ୍କରେ ଚାହିଁବୁ
ବତୀଖୁଣ୍ଟ ଆଲୁଅରେ
ଦେଖିବୁ ସେ ଜଣେ ନା ଦିଜଣ
ଅବା ଚାରି ଛଅଙ୍କର ଗୋଠ
ମୁହଁରେ ମୁଖା ଘୋଡଣି
ହାତରେ ଭୁଜାଲି ।
ନିଶବ୍ଦ ଶ୍ୱାନପଲ
ନା, ସିଂହ ଛୁଆଏକା
ତା ଠାଣି ତା ଚାହାଣିକୁ
ନିଘା କରିବୁ ଟି ଝିଅ
କେମିତି ସେ ଆସିଛି ଦେଖିବୁ
ସବାରି ନା ଘୋଡା
ନା, ଚାଲିଚାଲି, ଖୋଜିଖୋଜି
ଆସିଛି ସେ ତୀର୍ଥଯାତ୍ରୀ
ମନ୍ଦିର ଦୁଆର ଯାଏଁ ।
ମୁଁ ଦିନେ ସେମିତି
ଚାହିଁଥିଲି ତାରା ଆଲୁଅରେ
ସେ ଝଟକୁଥିଲା

Digitized by srujanika@gmail.com

ମହକୁଥିଲା
ତା ପାଦ ଲାଗୁ ନଥିଲା
ଭୂଇଁରେ ମୁଁ ଭାବିଲି ସେ
ହୋଇଥିବ କନ୍ଦର୍ପ ଦେବତା ପରା !
ଗାଲରେ ହାତଦେଇ ମୁଁ
ଝାଳେଇଗଲି ସର୍ବାଙ୍ଗ
ଲାଜେଇ ଗଲି ସତେବା ତାଳୁରୁ ତଳିପା
କି କରିବି କି କହିବି ବୋଲି
ଘୁଞ୍ଚି ପାରିଲି ନି
ରାତି ଘୁଞ୍ଚିଗଲା ଲାଜେଇଲା ପରି
ଚମକି ଝପଟି ଗଲି
ଦ୍ୱାର ମେଲି ଦେଲି
ଶାଳବଣ ପବନକୁ
ଶୂନ୍ୟଥାଳ ପରି
ତାରାଝଡା ଆକାଶକୁ ।
ଝାଳ ସରସର ଠିଆ ରହିଗଲି
ଆଖିରେ ଆକାଶ ଭରି
ଦିନ ସରି ସଂଜ ହୋଇଗଲା ।
ଭଲ କରି ଦେଖ ଝିଅ
ଝର୍କା ଫାଙ୍କ ବାଟେ
କିଏ ସେ ଆସିଛି
ଏତେ ରାତିରେ ସାହିକୁ
ଚାହିଁତାକୁ
କପାଳକୁ ବେନିଫାଳ କରି
ସିମନ୍ତ ରେଖାରେ
ଝୁଲୁଥିବା
ତୋର ଅଦୃଷ୍ଟକୁ ।

୦୦୦

Digitized by srujanika@gmail.com



Digitized by srujanika@gmail.com

ଗିରି ଗୋବର୍ଦ୍ଧନ ତଳେ

ଗିରି ଗୋବର୍ଦ୍ଧନ ତଳେ
ଚାହିଁ ରହିଛି ଅବାକ୍
କେମିତି ସେ କାଣି ଆଙ୍ଗୁଠିରେ
ଟେକି ଧରିଛି ଶୂନ୍ୟରେ କେତେକ ମନ୍ଦର
ବାହାରେ ବଜ୍ର ବିଜୁଳୀ, ଢ଼ଟାଡୁଛି ବର୍ଷା
ସାତଦିନ ସାତରାତି
କେମିତି ସେ ସମ୍ଭାଳିଛି ତେତେକ ବିପତ୍ତି
ଗାଈଗୋରୁ ଗୋପାଳୁଣି ଗୋପାଳ ସମସ୍ତେ
ଗଛମୂଳେ ବାଟୋଇଙ୍କ ପରି
ନିଶ୍ଚିନ୍ତ ଘୁମାଉଛନ୍ତି ।

ଛାଡିଦେଇ ସବୁଭାର କାଣିଆଙ୍ଗୁଠିରେ
ସେ ବି ଚାହିଁ ରହିଛି ଦରହାସେ
ବର୍ଷାକୁ ରାତିକୁ ମୋତେ
ଗର୍ଜୁଥାଉ ବଜ୍ର ଯେତେ ଇଚ୍ଛା
କିସ କରିବ ଇନ୍ଦ୍ରଛାର
ଆଜ ରଖିବି ଗୋପପୁର ।
ମୁଁ ବିକଳ ଉଦ୍ଵିଗ୍ନ ଆତୁର
ଆଉ ଭଲା ଗୋଟିଏ ଆଙ୍ଗୁଠି ଟେକି
କାଣି ଆଙ୍ଗୁଠିର ଭାର ବାଣ୍ଟି ନିଅନ୍ତାକି

Digitized by srujanika@gmail.com

ମୋର ତ ବୋଝିଆ ମୁଣ୍ଡ
କିଛି କାଳ ପାଇଁ ଥୋଇ ଦିଅନ୍ତା କି
ମୋ ମୁଣ୍ଡରେ ଗିରି ଗୋବର୍ଦ୍ଧନ
କାଢିନେଇ ଟିପ ଏଠୁ ବଜାନ୍ତା ବଇଁଶୀ
ବଂଶୀସ୍ୱନେ ଡୋଳିହୋଇ ରହନ୍ତା ମନ୍ଦର
ସ୍ତମ୍ଭିତ ହୁଅନ୍ତା ବର୍ଷା ବିମୁଗ୍ଧ ବିଜୁଳୀ
ପୁଲକିତ ଆବର୍ତକ ମେଘ
କି କରିବ ବିହ୍ୱଳ ବିମୂଢ଼ଇନ୍ଦ୍ର
ଚାହିଁଥିବ ନିଷ୍ପଲକ ସହସ୍ର ଆଖିରେ
ବଂଶୀସ୍ୱନେ ବିଧୁନିତ ଚଉଦଭୂବନ ।

୦୦୦

Digitized by srujanika@gmail.com

ମୁଁ ଜାଣେ ମୁଁ ବାମନ

ମୁଁ ଜାଣେ ମୁଁ ବାମନ
କିଛିନାହିଁ ମୋ ହାତ ପାଇଲା ଭଳି
ସିଦ୍ଧି ବା ସାଫଲ୍ୟ :
ଖର୍ବ ହେବା ଅପରାଧ ନୁହେଁ
ନିମ୍ନତମ ଡାଳକୁ ବା
ହାତ ନ ପାଇଲା ନାହିଁ ।
ତା ପାଇଁ ତ ପୃଥିବୀ
ଘାସଫୁଲ ଲାଜକୁଳି ଲତା
ସାରୁଗଛ ମୂଳେ ବେଙ୍ଗ
ଫୁଲଛତୁ ଉଇହୁଙ୍କା ଚୂଳେ ।

ବାମନର ବାମନ ପୃଥିବୀ
ତାର ଭାଗମାପ ନେଇ
ତା ପାଇଁ ଯଥେଷ୍ଟ ।
ମୋର ଦୁଃଖ ଅପହଞ୍ଚ ପାଇଁ ।

ଗୋରୁଖୋଜ ପାଣିକି ଚାହିଁଲେ
ମୋତେ ଦିଶେ ନକ୍ଷତ୍ରର ଛବି
ଆକାଶର ଜହ୍ନ ପାଇଁ

Digitized by srujanika@gmail.com

ମୋ ଭିତରେ ଆକାଶେ ଆତୁର ଶୋଷ
ମେଲିଯାଏ ଶୂନ୍ୟମଣ୍ଡଳକୁ
ବିଦାରି ଏ କ୍ଷୁଦ୍ରକାରା
ମୋ ଭିତର ଅନିର୍ବାଣ ଅଗ୍ନି
ଅହରହ ଜାଳୁଥାଏ
ମୋ ବାମନ ପିଣ୍ଡ ।
କେତେକାଳ ମୁଁ ଭୋଗିବି
ଏ ବିଶାଳ ସ୍ୱପ୍ନ ଆକାଶର ଜହ୍ନ ପାଇଁ
ଏ ବିଶାଳ ବିଡମ୍ବନା ।

୦୦୦

Digitized by srujanika@gmail.com

ମୁଁ କାହିଁକି ବର୍ତ୍ତିଗଲି

ମୁଁ କାହିଁକି ବର୍ତ୍ତିଗଲି
ତେତେକ ବିପତ୍ତି ବେଳେ
ଛାରଖାର ହେଲାବେଳେ ପୃଥ୍ୱୀ
କେମିତି ବା ବର୍ତ୍ତିଗଲି
ମୋର ବୋଲି ମୋତେ ଘେରିଥିବା
ରକ୍ତମାଂସ ମମତାର ବେଢା
ଭୁସୁଡିଲା, ଭାସିଗଲା
ଚଡକରେ ବିଜୁଳୀ ସୁଅରେ ।

ଦୁଲୁ ଦୁଲୁ କମ୍ପିଲା ମେଦିନୀ
ଭରତିଆ ପକ୍ଷୀ ଡିମ୍ବ ସବୁ
ଦଳିଦେଲେ ଦନ୍ତାହାତୀ ପଲ
ଲେଉଟି ପଡିଲା ପୃଥ୍ୱୀ
ଏକାକାର ହେଲା ସବୁ
ମାଟି ପାଣି ପବନ ଆକାଶ
ପାଖ ଦୂର ଯେ ଯୁଆଡେ ଥିଲେ
ପୋତି ହୋଇଗଲେ ସବୁ
ଉପୁଡିଲେ ଦାରୁଦ୍ରୁମ
କୁଢ କଢ ମଳାପିଣ୍ଡ
କାହାର କେଜାଣି ।

Digitized by srujanika@gmail.com

କା ଦାନ୍ତ ସନ୍ଧାରୁ
କେମିତି ବା ଗଳିପଡି
ଖମ୍ବଉପରେ ଖଚିତ କଟାମୁଣ୍ଡଟାଏ
ଦେଖିବାକୁ ବର୍ଣ୍ଣିବାକୁ ଏ ମହାସମର
ରକ୍ତସ୍ନାନ କରିବାକୁ
ଖମ୍ବଚୂଳେ ସ୍ମୃତିର ଶ୍ମଶାନେ

୦୦୦

Digitized by srujanika@gmail.com

ମୁଁ ଦେଖିଲି ସେ ଦିନ ସଂଧ୍ୟାରେ

ମୁଁ ଦେଖିଲି ସେ ଦିନ ସଂଧ୍ୟାରେ
ନିର୍ମଳ ଆକାଶ ସାରା ଢଳଢଳ ଚନ୍ଦ୍ର
ପବନରେ ସଂଭ୍ରାନ୍ତ ଗଜଲ
ଲାଜ ଲାଜ ଠିଆ ହେବା ସଂଯତ ଭଙ୍ଗୀରେ
ଢାଙ୍କିହୋଇ ଜୋଛନାର ଝୀନ ଉତ୍ତରୀୟ
ଆଗପଛ ହୋଇ
ସାଲବେଗ ଉପେନ୍ଦ୍ର ଓ ଅଭିମନ୍ୟୁ
ଓହ୍ଲାଇବା ନିଃଶବ୍ଦରେ
ସ୍ୱରଚିତ ମୂର୍ଚ୍ଛନା ମାୟାରେ ।
କବି ତ ସମୁଦ୍ର
ଢେଉ ତାର ଆତ୍ମାର ଉଲ୍ଲାସ
ଢେଉ ତାର କାବ୍ୟରୂପ
ଢେଉ ତା ସଂଗୀତ
କବି ତ କବିତା
କାବ୍ୟମୟ କବି
କାବ୍ୟତାର କବିମୟ ।
ମୁଁ ଶୁଣିଲି କାବ୍ୟ ଉଚ୍ଚାରଣ
ପ୍ରାଣମୟ ଧ୍ୱନିମୟ ଶବ୍ଦ ।
ବାସ୍ନା ଭରି ରହିଥିଲା
ଆଲୁଅରେ ପବନରେ

Digitized by srujanika@gmail.com

ମୃଦୁ ମଧୁର ଛନ୍ଦରେ
ଏତେ ସମୀପରେ ଥିବା ଅପୂର୍ବ ପ୍ରୀତିରେ
ମୁଁ ଦେଖିଲି ମୋ ଶାଖାର ବିପୁଳ ବିସ୍ତାର
ପ୍ରଶାଖାର ପଲ୍ଲବନ ।
କିଏ ଜନ୍ମ ହେଲା ସତେ ସେଦିନ ସଂଧ୍ୟାରେ
ପୁତ୍ର ପୌତ୍ର ଅବାନିଜେ
ମୁଁହିଁ ଜନ୍ମ ନେଲି ବାରବାର
ପ୍ରତି ପ୍ରଶ୍ୱାସରେ ।
ନୂତନାହିଁ ଜନ୍ମ ନିଏ ଚିରକାଳ
ଆଦିନାଦ ବିସ୍ଫୋରଣ କମ୍ପନରୁ
ସୃଷ୍ଟି ହେଉଥାଏ ବିଶ୍ୱ ।
ନୂତନର ମନ୍ତ୍ରପାଠ ପରେ
ନିରବିତ ହୁଏ ପୁରାତନ
ଅପସରି ଯାଉଥାନ୍ତି
ସନ୍ତୋଷରେ ସଂଭ୍ରମରେ
ପିତୃ ପିତାମହ ।
ମୁଁ ଦେଖିଲି ଆକାଶରୁ
ଅମୃତ ବର୍ଷୁଛି ଜହ୍ନ
ଆଶିଷ ଝରୁଛି ଆସ୍ତେ
ଅଶିଣର ପୂର୍ଣ୍ଣ ଜୋଛନାରୁ
ଦୀର୍ଘଜୀବୀ ହୁଅ ସବୁ
ଆଲୋକିତ ସୁରଭିତ
ହେଉ ତୁମ ରାଜପଥ ।
ମୋ ଆତ୍ମା ଗୁଞ୍ଜରୁଥିଲା
ସେ ଦିନ ସଂଧ୍ୟାରେ
ମୋ ଜନ୍ମ ତିଥିରେ ।

୦୦୦

Digitized by srujanika@gmail.com



Digitized by srujanika@gmail.com

ସଂଜ ତ ହେବ ଇ ହେବ

ସଂଜ ତ ହେବ ଇ ହେବ
ଧୋବ ଫରଫର ପକ୍ଷୀ
ଝାସଦେବ ରକ୍ତ ସମୁଦ୍ରରେ
ପଛ କରି ଚାଲିଯିବ ଏକାକୀ ବାଟୋଇ
ବିସ୍ତୀର୍ଣ୍ଣ ସେ ଧୂଆଁ ଭିତରକୁ ।
ପାଦଚିହ୍ନ ପଡେନାହିଁ ନୀଳ ଗୋହିରିରେ
ପକ୍ଷୀର ବା ବାଟୋଇର ।
ଗଛପରି ସ୍ମୃତି ସବୁ ଯେଉଁଠି ସେଇଠି
ଚାହିଁଥିବେ ନିରବରେ ।
ଏଠି ସେଠି ଲସାଟିକେ ଝରିପାରେ
ଝୁଣାପରି ନିଆଁରେ ପୋଡିଲେ
ବାସିପାରେ ।
ହୃତୁହୃତୁ ଜଳିଯାଇପାରେ ।
କୁଆଡୁ ସେ ଆସିଥିଲା ପକ୍ଷୀ
କାହିଁକି ବିକ୍ରମୁଥିଲା ଅର୍ଦ୍ଧେକ ପୃଥିବୀ
ଲିଭିଗଲା ଏବେ ପୁଣି
କେଉଁ ସମୁଦ୍ରରେ ?
ପଚାରନି ନଦୀ ଗିରି ବନସ୍ତମାନଙ୍କୁ
ବେବାକ୍ ବିଚାରାମାନେ
ପୃଥିବୀ ସମୁଦ୍ର ଅଗ୍ନି

Digitized by srujanika@gmail.com

ଦ୍ୟାବା ଅନ୍ତରୀକ୍ଷ
କ'ଣ ବା ଜାଣନ୍ତି ସତେ
ଏକ ବଚନକୁ
ଦ୍ୱିବଚନ ବହୁବଚନକୁ ?
ପକ୍ଷୀ ବି ଜାଣେନି
ତାର ନିଜ ଉଡାଣକୁ
ସେ କି ଥାଏ ଯେଉଁଠି, ସେଇଠି
ଭ୍ରମୁଥାନ୍ତି ଚରାଚର ତାର ଚଉପାଶେ ?
ଅଥବା ସେ ଲଂଘୁଥାଏ
ଅସଂଖ୍ୟ ଆଲୋକ ବର୍ଷ
ଚକ୍ଷୁ ପଲକରେ ?
କିଏ ଜାଣେ ଏ ପକ୍ଷୀକୁ
[illegible]
ଆମରି ପୃଷ୍ଠରୁ
ଚିରକାଳ ଅଜଣା ଏପକ୍ଷୀ
ପଛକରି ଯାଉଥିବା ଅଚିହ୍ନା ବାଟୋଇ ।
ଦେଖୁଥାଅ, ବୁଝୁଥାଅ, ପାରୁଛତ
କିଛି ବି ପଚାର ନାହିଁ ।
ସଂଜ ତ ହେବ ହିଁ ହେବ
ଧୋବ ଫରଫର ପକ୍ଷୀ
ଲିଭିଯିବ ରକ୍ତ ସମୁଦ୍ରରେ ।

ଠଠଠ

Digitized by srujanika@gmail.com

ଅରଣ୍ୟରେ ବାଟ ନାହିଁ

ଅରଣ୍ୟରେ ବାଟ ନାହିଁ
ଆକାଶରେ ବାଡ ନାହିଁ
କୂଳ ନାହିଁ ସମୁଦ୍ରର
ଏଠି ସେଠି ବା କେଉଁଠି
କେମିତି ଖୋଜିବ ତାକୁ
ଅଛି, ଅଛି, ଅଛି ବୋଲି
କିଏ କେବେ କହିଥିଲା
ନିଭୃତ ବେଳାରେ ।

ଆଉ କିଛି କହିଲାନି
ନିଷ୍କଳଙ୍କ ଦୃଷ୍ଟି ଦର୍ପଣରେ
ଦେଖାଇଲା ଦିଗ୍‌ବିଦିଗ
ଅରଣ୍ୟ ଆକାଶ ସିନ୍ଧୁ
ପରମାଣୁ ଗର୍ଭ ଚିରି
ଦେଖାଇଲା ଅଶେଷ ବ୍ରହ୍ମାଣ୍ଡ
କିଏ ଖୋଜୁଛି କାହାକୁ
ସମୁଦ୍ରର ବିନ୍ଦୁ କଣ ଖୋଜୁଛି ସମୁଦ୍ର ।

ତାରା ଖୋଜେ ଆକାଶକୁ
ଦିଗବଳୟ ଖୋଜୁଛିକି

Digitized by srujanika@gmail.com

ଦିଗ୍‌ବଳୟ ସୀମା ?
ଆକାଶୁ ଆକାଶ ଉଦୟ
ସୃଷ୍ଟି ଉପୁଜେ ଅହରହ
ଗଗନେ ଗଗନ ପ୍ରବେଶ
ଆଉ କି ରହେ ଅବଶେଷ ?

୦୦୦

Digitized by srujanika@gmail.com

ସୁଖ ଆସେ ହଳଦିବସନ୍ତ ପରି

ସୁଖ ଆସେ ହଳଦିବସନ୍ତ ପରି
ତାଳପତ୍ର ଉଲୁସାଇ, ରଂଗବୋଳି ଦେଇ
ଦେହସାରା, ଆଖିରେ ଲଗାଇଦେଇ
ତୃପ୍ତିର ଅଞ୍ଜନ ।
ଡେଣାଝାଡି ଉଡିଯାଏ
ଦମକାଏ କଅଁଳ ପବନ ପରି
ପବନରେ ମିଠାମିଠା ବାସ୍ନାପରି ।

ପୃଥିବୀ ଟାଣେଇ ଯାଏ
ଆକାଶ ଦୂରେଇ ଯାଏ
ଉଡିଗଲେ ସୁଖର ଚଢେଇ ।
ଦୁଃଖଥାଏ ପତ୍ରଗହଳରେ
ଆତୁର ବେଳାରେ
କୁହୁକୁହୁ କୋହ ଝରିଯାଏ
ଓଦା କରି ବନଭୂଇଁ
ଲହୁ ଲୋତକରେ ।

ଡେମ୍ଫ ଭାଙ୍ଗି କ୍ଷୀର ଝରେ
ଲସାଝରେ

Digitized by srujanika@gmail.com

ସୋରାସୋରା ବକଳା ଦେହରୁ
ନିଷ୍ଠୁର ଖରାରେ
ଦୁଃଖ ଲୁଚିଯାଏ ନିଜ
ପତ୍ର ଗହଳରେ
ଉଦାସିଆ ଓଦାଓଦା
ଅଂଧାର ଭିତରେ ।

ଆଉକେବେ ଆସିବ କି
ପଚାରି ହୁଏ ନି
ବାସ୍ନାରେ ବିଭୋର ହୋଇ
ଆଖିବୁଜି ଥିଲାବେଳେ
ଉଡିଯାଏ ସୁଖର ଚଢେଇ
ଫଗୁଣ ପବନ ପରି
ବେଳକାହିଁ ତାକୁ
ଫେରି ଚାହିଁବାକୁ ?
ସେତ ଖାଲି ବେପରୁଆ ସ୍ପର୍ଶଯାଏ
ଶିହରାଇ ତାଳୁରୁ ତଳିପା
ଭରିଦେଇ ଭୁରୁଭୁରୁ
ଗଂଧ ସାଥେ ମହୁ
ମୁଗ୍ଧା ଚକିତା କିଶୋରୀ
ଆମ୍ବ ବଉଳରେ
ଆଖିମେଲି ଚାହଁଲା ବେଳକୁ
ଚଣା ଧରି ସାରିଥାଏ
ଭାରି ଭାରି ହାତଗୋଡ
ଲାଜଲାଜ ସହକାର ଲତିକା ବଧୂର ।
ତା ପରେ ତ ଯୋଗ ଅଛି
ବିଦୀର୍ଣ୍ଣ ହେବାକୁ

Digitized by srujanika@gmail.com

ଫଳପାଚି ଭୂମିଷ୍ଠ ହେବାକୁ
ଭୋଗିବାକୁ ଅଜସ୍ର ଅଜସ୍ର ଦୁଃଖ
ଦୁଃଖ କଣ ଜନ୍ମନିଏ ସୁଖ ଔରସରୁ ?
ଅଥବା ସେ ବୃଦ୍ଧ ପିତାମହ
ଲାଳନ କରିବାପାଇଁ
ଚପଳ ଚଞ୍ଚଳ ସ୍ନିଗ୍ଧ
ସୁଖର ଶାବକ ?

000

Digitized by srujanika@gmail.com

କିଏ ସେ ଆପଣ

କିଏ ସେ ଆପଣ
ଶୂନ୍ୟଚାରୀ ପକ୍ଷୀ ପରି
ଆସିଥିଲେ ମୋ ସାମ୍ନାକୁ
ସେ ଆଖିରେ
ନୀଳଗଗନର ଭାଷା
ସେ ସ୍ୱନରେ ଗଭୀର ଅରଣ୍ୟ
ସେ ଡେଣାରେ ଅର୍ଦ୍ଧେକ ପୃଥିବୀ ।

ମୋତେ ଘେରା କାଟି
ପାଠ କରୁଥିଲେ କିବା
ମିଶର ବା ମହେଞ୍ଜୋଦାରୋର ମନ୍ତ୍ର
ନିରବ କହାଲୁଥିବା ଡେଣା ପବନରେ
ଖରାବେଳେ ଶୀତକଣ୍ଟା ମାରିଗଲା
ତା' ପରେ ହଠାତ୍
ଆଉଥରେ ମୋ ଆଖିକୁ
ଚାହିଁଦେଇ ଆପଣ ପହଁରିଗଲେ
ଶୂନ୍ୟ ଅଗଣାକୁ ।
କିଏ ସେ ଆପଣ
କାହିଁକି ବା ଆସିଥିଲେ
କଣ କହିବାକୁ

Digitized by srujanika@gmail.com

ମୋ ଅଜ୍ଞାତ ଭାଷା ଇଙ୍ଗିତରେ ?
ଖୁବ୍ ମାନନୀୟ ଦିଶୁଥିଲେ ଅବା
ଲାଗୁଥିଲେ ମୋ ବଂଶର
ଆଦିପିତା ପରି ।

କ'ଣ ଦେବା ପାଇଁ ଅବା
ନେବା ପାଇଁ ଆସିଥିଲେ
ମୋ ପାଖକୁ ?
ଅବା ଆବୋରିବା ପାଇଁ
ସେ ପ୍ରଶାନ୍ତ ଡେଣା ବିସ୍ତାରରେ
ମୋର ଏ ଆଦିମଭୂମି ?
କେତେ ନିର୍ଜ୍ଜନତା କେତେ
ଶୀତଳ ଅନ୍ଧାର
ସ୍ନାନ କରି ଆସିଥିଲେ / ସେ ଦୁଇଟି ଡେଣା !

ଶୂନ୍ୟ ଅଗଣାରେ
ଉଭାହୋଇ ମୁଁ ଚାହିଁଛି
ତାରା ଆକାଶକୁ
କାନେଇଛି ତାରାରୁ ତାରାକୁ
ଘୁଞ୍ଚି ଯାଉଥିବା
ସେ ଅପାର ଗହନ ସ୍ୱନକୁ
କିଏ ସେ ଆପଣ ସତେ
କାହିଁକି ବା ଆସିଥିଲେ
ଏତେବାଟ ପାରି ହୋଇ
ଅର୍ଦ୍ଧେକ ପୃଥିବୀ ?

୦୦୦

Digitized by srujanika@gmail.com

ଉଡାଣ ଭରିବା ବେଳେ

ଖସିପଡେ ପକ୍ଷୀ
ଆକାଶରୁ ଅଧେ ଖସିପଡେ
ଅକସ୍ମାତ୍ କେଉଁ ବିଧାନରେ ?
କିଏ ନ ଜାଣିଛି ଭଲା
ଆସିବା ଓ ଯିବା ଏଠି
ନୂଆ କଥା ନୁହେଁ ।

ତଥାପି ତ ଆକାଶର
ଏ ପାରିରୁ ସେ ପାରିକୁ
ଯିବା ପାଇଁ ବିଧିଅଛି
ସୂର୍ଯ୍ୟକୁ ଚନ୍ଦ୍ରକୁ
ବିଧିଅଛି ମୁକୁଳୁଥିବା ଫୁଲକୁ
ଫୁଟି ମଉଳିବା ପାଇଁ
ମଝି ଉଡାଣରେ କେବେ
ବାତୁଳି ମାଡରେ ଯଦି
ଖସିପଡେ ପକ୍ଷୀ
ଖୋଜାପଡେ ନିଷାଦକୁ
ସେଇ ସିନା ବଧିପାରେ
କାମମୋହିତ ପକ୍ଷୀକୁ
ଅକାତରେ ବଜ୍ରାଘାତ କରି ।

Digitized by srujanika@gmail.com

ସେଇସିନା ଭାଙ୍ଗିପାରେ
ଲଂଘିପାରେ ସକଳ ବିଧାନ ।

ଶିବରାମ ଚାଲିଗଲା
ଅକାଳରେ ଅକସ୍ମାତ
ସବୁଡାଳେ ସବୁପକ୍ଷୀ
ହଠାତ୍ ନିରବିଗଲେ
ପତ୍ର ବି ହଲିଲା ନାହିଁ
ନିସ୍ତବଧ ଅଶ୍ୱଥ ଡାଳରେ ।

ବଜ୍ରପାତ ପରେ ସବୁ
ଆଖି ବୁଜିଦେଲେ
ପଚାରିଲେ ନାହିଁ କେବେ
କେମିତି କାହିଁକି ?
ଅସହାୟ ଚାହିଁ ରହିଥିଲେ
କିଏଗଲା କିଏ ସେ ରହିଲା
ଭାଙ୍ଗିଗଲା ସବୁ ଟାଣପଣ
ଦୋହଲିଗଲା ଭରଷା
ଏଠୁ, ସେଠୁ ସବୁରି, ସବୁଠୁ ।

୦୦୦

Digitized by srujanika@gmail.com

ନିହାତି ଯଦି ବା

ନିହାତି ଯଦି ବା
ମିଛ କହିବାକୁ ପଡେ
କାହିଁକି ବା ନ କହିବି
ତୁମ ପାଇଁ ପାଞ୍ଚପଦ
ମଧୁର ମଧୁର ମିଛ ?
ସତ କ'ଣ କହିହୁଏ
ତୁମ ବାବଦରେ ?
କହୁ କହୁ ତୁଟିବାକୁ ହୁଏ
ନୂଆ ଚାଲି ଶିଖୁଥିବା
ଶିଶୁପରି,
ବଖୋଟି କହିଲା ପରି
ତୁମେ ଉଭା ହୋଇଗଲେ
ଶୂନ୍ୟ ମଣ୍ଡଳରେ
ନ ସ୍ଫୁରେ ବଚନ
ଅଘଟନ ଘଟିଯାଏ
ଚାରି ଆଡେ କାତଛାଡି
ଅଥଳ ଜଳରେ
ଟଳମଳ ହୁଏ ନାଆ
ମଙ୍ଗବୁଡି
ପାଣି ପଶିଯାଏ ।

Digitized by srujanika@gmail.com

ଚକ୍ଷୁଷେ ଖଣ୍ଡରେ
କଣ ଅବା କହିହେବ
ସ୍ୱର୍ଗ ମର୍ତ୍ତ୍ୟ
ଉତ୍ତର ଦକ୍ଷିଣ ?

ମୁଁ ଫାନ୍ଦୁଛି ଲୂତାଜାଲ
ବୁଣିଦେଇ
ହୀରାର କଣିକା
ଚକିତ ବିଭୋର ହୋଇ
ଗୁଣୁଗୁଣୁ ହେଉଛି ମୁଁ
ମାନେ ତାର କିଛି ନାହିଁ
ନିଦ ଘାରି
ଆସୁଥିବା ବେଳେ
ଅଳସ ଟିପରେ
ଛୁଇଁ ଯାଉଛି ମୁଁ ଖାଲି
ବୀଣାର ତାରକୁ
ମିଛ କ'ଣ ସତ କ'ଣ
ମୁଗ୍ଧ ଇଲାକାରେ ?

ସତ ନ ହେଲା ବା ନାହିଁ
ହାତ ପାଉନାହିଁ ବୋଲି
ମିଛ କହିଦେଲି ବୋଲି
ରଚୁଥାନ୍ତୁ ନଗ୍ରଜନେ
ସେମାନେ ବା କି ବୁଝିବେ
ଜହ୍ନ ରାତି
ବର୍ଷିତ ଶ୍ରାବଣ କଥା ?
ସେମାନେ କି ଚାଖିଛନ୍ତି

Digitized by srujanika@gmail.com

ମିଛର ଅମୃତ ?
ସତସତ ବାସୁଥିବା
ଆତୁର ବିଭୋର
ଅଣାୟତ୍ତ
ମିଛର ମହକ ?
କଣ କହିବେଟି ଯେବେ
ଏ ମିଛ ବି ଆଉ ଝୁରିବନି
ଅପଲକ ଆଖିରେ ମୁଁ
ଦରହାସେ ଚାହିଁଥିବି
ସତମିଛ ଆରପାରି
ଶୂନ୍ୟମଣ୍ଡଳ କୁ ।

୦୦୦

Digitized by srujanika@gmail.com

ସଂଜବେଳେ

ସଂଜବେଳେ
ପକ୍ଷୀସ୍ୱନ ଘୁଞ୍ଚିଗଲେ
ଦୂରରୁ ଦୂରକୁ,
ରେଖା ରଂଗ ଲିଭିଗଲେ
ଆଖପାଖ ଆକୃତିରୁ,
ଅନ୍ଧାର ବିକ୍ରମିଯିବ
ପାହୁଣ୍ଡକେ
ଏ ସାରା ଆକାଶ ।
ସେ ଆସିବ, ଉଭାହେବ
ଦୁଇପାଦ ଥାପି
ମୋ ସମଗ୍ର
ଇଲାକାରେ ।
ସେତ କେବେ
କଥା କହେ ନାହିଁ
ପୋଛି ନିଏ ମୋ ପାଖରୁ
ମୋର ଅବୟବ
ଯେତେ ସବୁ ସ୍ୱପ୍ନ
ଆଉ ସ୍ମୃତିର ସଂପଦ ।
ତେଣିକି ତ
କାହାକୁ ହେଜିବା ମନା

Digitized by srujanika@gmail.com

କିଏ ବା କେଉଁଠି କାହିଁ ?
ମଞ୍ଚର ଆଲୁଅ
ଲିଭିଗଲା ପରେ
କାହିଁ ବା ସେ
ହସକାନ୍ଦ
ଦୃଶ୍ୟର କୁହୁକ ?
ଫୁଲମାନେ, କରତାଳି
ନଗର କୀର୍ତ୍ତନ ?
ନାମହୀନ ରୂପହୀନ
ଆକାଶ ପାତାଳ
ଘେରିଯିବ
ଭିତର ବାହାର
ଝରିଯିବ ସବୁଫୁଲ
ସବୁକଣ୍ଢ
ପାଦତଳ ଅଗଣାରେ
ତେଣିକି ତ
ଅଥଳ ସାଗର
ତୁମ କଥା
ଖୁବ୍ ମନେ ଅଛି
ହୁବ ପାଉ ନାହିଁ ମୋର
କେମିତି କହିବି
ନିଘଞ୍ଚ ଅନ୍ଧାର ବେଳେ
ଚିତ୍ରପଟ
ଦିଶିବକି ନାହିଁ
ଭାସିବ କି ନାହିଁ ନାଆ
ଅଥଳ ଜଳରେ ।

୦୦୦

Digitized by srujanika@gmail.com



Digitized by srujanika@gmail.com

କେମିତି କେବେ ବା ଆଉ

କେମିତି କେବେ ବା ଆଉ
ତୁମକୁ କହିପାରିବି
ଯାହାଥିଲା ଆଜୀବନ କହିବାକୁ
ସବୁ ବାତ ବନ୍ଧ ଡେଇଁ
ଆତୁର ଉତଲା ହୋଇ
ଏଠି ଆସି ଦେଖିଲା ବେଳକୁ
ତୁମେ ନାହଁ, କେହି ବି ନାହାନ୍ତି
ଏଠି ଖାଲି ନିର୍ଜନ ଇଲାକା ।

ମୁଁ ତୁମକୁ ଭେଟିବି ଭେଟିବି ବୋଲି
ଦିହକ ବିତିଲା ସିନା ଭେଟି ପାରିଲିନି
ମୁଁ କୈବର୍ତ୍ତ ଦିନଯାକ
ଜାଲ ଫିଙ୍ଗେ ଯମୁନା ପାଣିରେ
ଆମିଷ ପସରା ମେଲି
ମୁହଁ ସଂଜବେଳେ
ବସିରହେ କଦମ୍ବ ଘାଟରେ
ମେଘଆସେ ମେଘଯାଏ
କେତେକଣ ହୁଏ ବୋଲି
ମୋ କାନରେ ବାଜୁଥାଏ
ସକାଳୁ ସକାଳୁ ।

Digitized by srujanika@gmail.com

ମୋତେ ଅବା ଡର କାହିଁ
ଚାହିଁବାକୁ କଦମ୍ବ ମୂଳକୁ ଜହ୍ନ ଉଇଁଥିଲା ବେଳେ ?
ଜାଲଘେରା କୈବର୍ତ୍ତ ମୁଁ
ମାଛଙ୍କ ନିସ୍ତାର ନାହିଁ
ମୋର ବି ନିସ୍ତାର ନାହିଁ
ଜାଲରୁ ବା ଆମିଷ ବୃତ୍ତିରୁ ।
ମୁଁ ଦେଖିଛି ଯମୁନାର
ବଢିପାଣି ଗୋଳିପାଣି
ବର୍ଷାର ଉଜାଣି ।

ମାଛ ଖେଳେ ଏ ପାଣିରେ
ଡାଳରେ କଦମ୍ବ ଫଳେ
ଆଉ କ'ଣ ସବୁ
ହେଲେ ଅବା ହେଉଥିବ
ମୁଁ ଜାଣିନି ।

ବର୍ଷାରେ ତିନ୍ତିଲା ବେଳେ
ମୋ କାନ୍ଧରେ ବତୁରା ଜାଲରୁ
ଉଠୁଥାଏ ସେ ଉନ୍ମାଦଗନ୍ଧ
ଜଳୁଥାଏ ମୋ ଜଠର ଅଗ୍ନି
ବେଳେବେଳେ
ବାଟବଣା ପକ୍ଷୀପରି
ଚହଟି ଉଭେଇଯାଏ
କଦମ୍ବର ବାସ୍ନା
ମୁଁ ତୁମକୁ ଆକସ୍ମାତ୍ ଭେଟିଥିଲେ
କଣ ହୋଇଥାନ୍ତା ଭଲା
କିଏ ବା କହିବ

Digitized by srujanika@gmail.com

ତଥାପି ମୋ ନିଃଶ୍ୱାସ ସନ୍ଧିରେ
କେଜାଣି କାହିଁକି
ଇଛାଟିଏ ଉଙ୍କିମାରି
ଲୁଚିଯିବା ଅଭିଳାପଣରେ
ମୁଁ ଦେଖିଛି ବାରଂବାର ।

ନିଦାଘ ସନ୍ଧ୍ୟାରେ ଦିନେ
ଉଦାସ ଲାଗିଲା ଖୁବ୍
ଖୁବ୍ ଆସ୍ତେ
ଜରାଜୀର୍ଣ୍ଣ ଜାଲଟିକୁ
ବିସର୍ଜିଲି ଯମୁନା ଜଳରେ
ଖୋଜିଖୋଜି
ମୁଁ ଆସିଲି ଏତେବାଟ
ଛିଆଳି ଲଟା ଉହାଡେ
ଏକାକୀ ମୃଗଶାବକ
ତୁମେନାହଁ, କେହି ନାହିଁ
ନିର୍ଜନ ଏରକା ବନ
ନିର୍ଜନ ପୃଥିବୀ ।
ନଈପାଣି ଫେରିଯିବ
ନଈ କି ସାଆନ୍ତେ
ମୁଁ ଫେରିବି କେମିତି କୁଆଡେ
ମଝିଗଣ୍ଡ ଅପାର ଗଭୀର
ଅପହଁଚ ଏକୂଳ ସେକୂଳ ।

୦୦୦

Digitized by srujanika@gmail.com

କାହିଁକି କେଜାଣି

କାହିଁକି କେଜାଣି
ଘରୁ ଗୋଡ କାଢି
ବାହାରିଲାବେଳେ
ଲାଗେ ବୋଧେ
ଆଉ ଫେରିବିନି
ଅଜ୍ଞ ନିର୍ଦ୍ଦେଶର
ବାଆରେଙ୍କା ଦିଏ ମନଟାକୁ
ଏମିତି କଅଣ
ଅଘଟଣ ଘଟିଯିବ
ଘରୁ ଗୋଡକାଢି
ବାହାରୁ ବାହାରୁ ?

ସମସ୍ତେତ ଆସୁଛନ୍ତି
ଯାଉଛନ୍ତି କେତେ ସହଜରେ
ଆସିଲେ ଯିବାକୁ
ଗଲେ ଆସିବାକୁ
କହୁଛନ୍ତି କେତେ ସହଜରେ
ମୋତେ କାହିଁକି ଏମିତି
କାନ୍ଦ କାନ୍ଦ ଦିଶନ୍ତି ସମସ୍ତେ
ବଗିଚାର ଗଛ ସବୁ

Digitized by srujanika@gmail.com

ପତ୍ର ଝାଉଁଳାଉ
ଛଳଛଳ ଆଖିରେ ଚାହାନ୍ତି
ଗାଉରାଉ ଡାକେ କାଉ
ଦାଣ୍ଡପାଖ ପାଚେରୀ ଉପରୁ
ଏପାଖ ସେପାଖ
ପଡିଶାର ଲୋକ ସବୁ
ହାତ ହଲାନ୍ତି କାହିଁକି ?

ନୀରବରେ
ଗମ୍ଭୀର ମୁଦ୍ରାରେ
ପୋଷମନା ଫୁସିଟାଏ
ପାଦପାଖେ କାହିଁକି ମୋ
ଲଟେଇ ହୁଏ ଏମିତି ?
ସମସ୍ତେ କି ଜାଣିଛନ୍ତି
ମୋର ଭବିତବ୍ୟ
ଗଲେ ଆଉ ନଫେରିବା
ମୋର ବିଡମ୍ବନା ?
ମୁଁ କେବଳ
ନିର୍ବୋଧ ବାଟୋଇ
ପାଦଟେକି ଥାଏ
ଅତଡା ଦାଢରେ
ପାତଳ ଓଢଣିତଳେ
ଲକ୍ଷେ ଯୋଜନ ବିସ୍ତାର
ଜଳରାଶି
ଗହନ ଗଭୀର ।

୦୦୦

Digitized by srujanika@gmail.com

କ'ଣ ଗଢିବାକୁ

କ'ଣ ଗଢ଼ିବାକୁ
ଚାହୁଁଥାଏ ହେଲେ
କଣସବୁ ଗଢିହୋଇଯାଏ
କୁମ୍ଭାର ଚକେରମର୍ଜି !
ମୁଁ ଭଲା କେମିତି
ଅଭିଲାଙ୍କ ପରି
ସର୍ଜିବାକୁ ଅଣ୍ଟାଭିଡି
ବସିଥାଏ
ଲବଣି ପିତୁଳା ?
ଲତପତ ଜୋଛନାପ୍ରତିମା !

ସବୁଥର କଣ ଭାବିଥିଲି
କଣ ହୋଇଗଲା କହି
ହାତ ଛିଞ୍ଚାଡିଲା ବେଳେ
ଛିଗୁଲେଇ ହେଲାପରି
କେହିଜଣେ ହସୁଥାଏ
ମୋର ନପାରିଲା ପଣ,
ଜହ୍ନକୁ ହାତବଢାଇ
ସବୁଥର ହାରିବାର
ବିଫଳତା ଦେଖି ।

Digitized by srujanika@gmail.com

ତୁ ତ ଅଭାଜନ
ତୋ ହାତରେ
ଜଣ ବା ହୁଅନ୍ତା
ତୁ କାହିଁକି
କିବା ସାହସରେ
ବସିଛୁ ଏ ଉଚ୍ଚ ଆସନରେ
ଗଢ଼ିବାକୁ
ନାହିଁ ନଥିଲା ନୋହିବ
ବିସ୍ମୟ ତୋରଣ ?
କୁଲାଳଚକ ବୁଲିଲେ
ବୁଲିଯାଏ ମାଟିପିଣ୍ଡ
ବୁଲିଯାନ୍ତି ଚନ୍ଦ୍ରତାରା ।

ଲେଡାମାରି ନାଭିକେନ୍ଦ୍ରେ
ମଜ୍ଜିଯାଉ ସୃଜନ ଶୃଙ୍ଗାରେ
ଘଟର ଉଦୟ ହେଲେ
ତୁ ଚାହୁଁ ତୋ ପ୍ରତିରୂପ ।

ଉପାଦାନ ତୋର ନୁହେଁ
ତୁ କେବଳ ଟିକେ ଉଷ୍ମା
ଦେଲାବେଳେ ଆସ୍ତେ
ତାକୁ ଛୁଇଁ ଦେଇ
ତୋଳି ନେଲା ବେଳେ
ଶୀତକଣ୍ଟା ମାରିଯାଏ
ମାଟିଘଟ ଦେହସାରା
ତାଳୁରୁ ତଳିପା ଯାଏଁ
ତୋର ଦେହସାରା

Digitized by srujanika@gmail.com

ଭିତର ବାହାର
ଫୁଲକିତ ହୋଇଯାଏ
କମ୍ପିଯାଏ ଦୁଇ ଅପଘନ
ପ୍ରାଣରସ ଝରିଯାଏ
ଦେହରୁ ବିଦେହ
ରୂପନିଏ
ପିଣ୍ଡ ଓ ବ୍ରହ୍ମାଣ୍ଡ
ତେଣିକି ତୁ
ବିଧାତା ପୁରୁଷ
ସର୍ଜିବାକୁ
ଝଟଝଟ
ସୁବର୍ଣ୍ଣ ପ୍ରତିମା !

୦୦୦

Digitized by srujanika@gmail.com

ଖେଳରେ ଖେଳରେ

ଖେଳରେ ଖେଳରେ
ମୁଁ ପିନ୍ଧିଥିଲି ସେଦିନ
ସୁନାର ମୁକୁଟ ।
ସତକୁ ସତ ମତେଇ
ହୋଇପଡିଲା ସାମ୍ରାଜ୍ୟ
ମୋ ଉପରେ
ଅକଳନ୍ତି ଥାଟ ମୋ ସାମ୍ନାରେ
ଧାଡିବାନ୍ଧି ଠିଆହେଲେ
ଶୁଣିବାକୁ ମୋ ଆଦେଶ
କୁର୍ଣ୍ଣିସ କରି ସମସ୍ତ
ମହାମହା ମଲ୍ଲମାନେ
ଦିଗପାଳମାନେ
ଆଡହୋଇ ଠିଆହେଲେ
ମନେ ହେଲା ମୁଁ ଚାହିଁଲେ
ଦଶଦିଗ ଘୋଟିଯିବେ
ଏ ଦୁର୍ବାର ଥାଟ
ମୁଁ କେବଳ
ଆଦେଶିଲେ ହେଲା
ମୋର ଉଞ୍ଚ
ସିଂହାସନ ତଳେ

Digitized by srujanika@gmail.com

ଗୁହାରିଆଙ୍କର ଭିଡ
ଭାଟବନ୍ଦୀଙ୍କର ଗାନ
ମୋର ଆଦେଶକୁ ଚାହିଁ
ସତେଅବା ସୂର୍ଯ୍ୟଚନ୍ଦ୍ର
ଉଇଁ ଅସ୍ତଯିବେ ।
ନିଭୃତ ଅନ୍ଧାରେ
ସୁନାର ମୁକୁଟ କାଢି
ମନକୁମନ ମୁଁ ହସେ
କାହିଁ ରାଜା କାହିଁ ରାଜ୍ୟ
ଖେଳ ସରିଗଲେ ?

୦୦୦

Digitized by srujanika@gmail.com

ବର୍ଷାରେ ତିନ୍ତୁଛି କାଉ

ବର୍ଷାରେ ତିନ୍ତୁଛି କାଉ
ଡାକୁନାହିଁ ରାଉରାଉ
ନୀରବରେ ସହୁଛି କଷଣ
ଯେତେ ସବୁ ଶୁଆସାରୀ
ହଳଦୀବସନ୍ତ
ସୁକୁମାର କୋଇଲି କପୋତ
ତିନ୍ତୁଥିବେ ତ ନିଶ୍ଚୟ
ସହୁଥିବେ ନୀରବ କର୍ଷଣ
ଏ ଦାରୁଣ ଦୁର୍ଦ୍ଦିନରେ
ତାଙ୍କ ପାଇଁ ଲୁହ ଜାରଜର
ଏ ଗଛ ସେ ଗଛ
ଆକାଶରେ ଇନ୍ଦ୍ର ଆଉ
ତଳେ ସିନ୍ଧୁନଦୀ
କାଉ ପାଇଁ କେହିତ କାହିଁକି
କାତର ନୁହନ୍ତି
କାଉ ତାର ଡେଣା ଝାଡିଦିଏ
ବେକକୁ ସାଙ୍କୁଡି ଆଣି
ଗୋଡକୁ ଲୁଚେଇ
ଥଣ୍ଟ କାଢି ବସିଥାଏ
ତିନ୍ତୁଥାଏ ଦୁର୍ଗପରି ।

Digitized by srujanika@gmail.com

ବେଳେବେଳେ ଆଖି ବୁଜି
ଧ୍ୟାନ କଲାପରି !
କଳା କାଉ ଡାକେ ରାଉରାଉ
ଅସୁନ୍ଦର କୁତ୍ସିତ ଚଢେଇ
ଯଦି ଅବା ଝଡିପଡେ
ବର୍ଷାମାଡ ଖାଇ
କେହି ବାହୁନିବେ ନାହିଁ
ଲେଉଟି ଚାହିଁବେ ନାହିଁ
ଭଲ ହେଲା ମରିଗଲା
ଅଲୋଡା ଚଢେଇ
ଆହୁରି ଭଲ ହୁଅନ୍ତା
ଏ ଜାତିଟା ଲୋପ ପାଇଗଲେ
ମୁକ୍ତି ମିଳିଯାନ୍ତା
କାମୁଡିଲା ପରି ତାଙ୍କ
ଅଭଦ୍ର ରାବରୁ
ନିଦ ଭାଙ୍ଗି କର୍କଶ ଭାବରେ
ଉତେଜିତ କରୁଥିବା
ଶଇତାନ୍ ପକ୍ଷୀ କବଳରୁ ।

ଭୟକାଳେ ଗୋଟେ ସେଥି
ମରିଗଲା ପରେ
ହୋଇପାରେ କାଉମେଳି
ସହସ୍ରେ ଦୁର୍ଦ୍ଦାନ୍ତ ପକ୍ଷୀ
ଘୋଟିଯାଇ ପାରନ୍ତି ହଠାତ୍
ଘନଘନ ଦୁମୁଜ ରାବରେ
ଉଡିଯାଇପାରେ ନିଦ
ଆକାଶର ଧରିତ୍ରୀର

Digitized by srujanika@gmail.com

ପୃଥିବୀବାସୀ ର
ଟେକାମାରି ଶୋଇଥିବା
ଯୁଗ କୁଣ୍ଡଳୀର ।
କାଉ ଡାକେ ରାଉରାଉ
ଚିତ୍କୁଥାଏ ବରଷାରେ ।

ମରିଯାଉ କାଉ ବୋଲି
ମନାସନ୍ତି ନଗ୍ରବାସୀ
ତଥାପି ସେ ଡାକୁଥାଏ
ନିଦ ଭାଙ୍ଗୁଥାଏ
ରାତି ପାହୁଥାଏ
ଚେତନାରେ
ଜଗତରେ ।

୦୦୦

Digitized by srujanika@gmail.com

ମୁଁ କି ଜାଣିଥିଲି

ମୁଁ କି ଜାଣିଥିଲି
ମୋ ଦୁର୍ଗର ଅନ୍ଦିକନ୍ଦି
ଖୋପମାନଙ୍କରେ
ଲୁଚିଛନ୍ତି ଏତେ ଶତ୍ରୁସେନା
ଅନ୍ଧାରକୁ ଆଶ୍ରାକରି
ଝୁଲୁଛନ୍ତି ତଳମୁହାଁ
ଚେମେଣି ଚଟିଆ ପରି
ଛକିଛନ୍ତି ଶୋଷିବାକୁ ମୋ ଶୋଣିତ
ଡାଳିମ୍ବ ମଞ୍ଜିଆ ତାଙ୍କ ମୁନିଆଁ ଦାନ୍ତରେ
ମୁଁ ଜାଣେ ନା କେମିତି ଏ ନିଶାଚର
ଶିଆଳ ଓ ପେଚାମାନେ
ବେକାମାରି ଶୋଇଥିବା ଚିତିସାପମାନେ
କେଉଁ ସନ୍ଧାବାଟେ ଆସି
ଆବୋରିଛନ୍ତି ଏ ଦୁର୍ଗ
ସମସ୍ତଙ୍କ ଅଲକ୍ଷରେ
ସେନା ସେନାଧ୍ୟକ୍ଷ ଆଉ ଦୁର୍ଗରକ୍ଷୀମାନେ
ନିଶ୍ଚିନ୍ତ ନିଦଘୋରରେ ମଜ୍ଜିଥିଲାବେଳେ
ବାହାରେ ଗର୍ଜୁଛି ସିନ୍ଧୁ
ଦୋହଲୁଛି ଦୁର୍ଗକାନ୍ଥ

Digitized by srujanika@gmail.com

ଜୁଆର ମାଡରେ
ଭିତରେ ଆତଙ୍କ
ସଙ୍କଟ ଘେର ଭିତରେ
ମନେପଡେ ବହୁବର୍ଷ ପୂର୍ବେ
ମୋ କାନ୍ଧରେ ହାତରଖି କେହିଜଣେ
ଚାହିଁଥିଲା ମୋ ଆଖିକୁ
କହିଥିଲା ବିଶ୍ୱାସ ଜନ୍ମାଇ
ତୁ ନିର୍ଭର ଆଉଜି ଜାଣିଲେ
ମୁଁ ମଧ୍ୟ ସମ୍ଭାଳି ଜାଣେ
ଦୁର୍ଗ ପାଚେରୀ ଉପରେ
ଅଶିଣର ଉଶ୍ୱାସ ନିର୍ଜଳ ମେଘ
ଉହାଡରୁ ଚାହିଁ ରହିଥିଲା
ନେଳି ଜରଜର ସ୍ୱଚ୍ଛ
ନିର୍ମଳ ଆକାଶ ।

୦୦୦

Digitized by srujanika@gmail.com

ଅପହଞ୍ଚ ଆକାଶମଲ୍ଲୀରୁ

ଅପହଞ୍ଚ ଆକାଶମଲ୍ଲୀରୁ
ଆଞ୍ଜୁଳାଏ ଫୁଲ ବର୍ଷିଗଲା ।
ବେଳ ରତରତ ହୋଇ
ନଇଁ ଆସୁଥିଲା ସୂର୍ଯ୍ୟ ।
ମୋ ପାଦତଳ ପଥର
ଲାଜେଇଲା ପରି ଲୁଚିଲୁଚି
କମ୍ପି ଉଠୁଥିଲା ।

କିଏ ସବୁ କୋଉଠି କେଜାଣି
ଚୁପ୍‌ଚାପ୍ କଥା ହେଲାପରି
ଶୁଭୁଥିଲା ଅଜଣା ଭାଷାରେ
ରହିରହି ମଲ୍ଲୀର କହର
ଛୁଇଁ ଦେଇ ଘୁଞ୍ଚି ଯାଉଥିଲା
ଖୁବ୍ ଆପଣାର କେହି
ଖାଲି ପାଦରେ ଏଣିକି
ପାଖେଇ ଆସିଲା ପରି
ହେଇ ବୋଧେ ଦେହରେ ଲାଗିଲା ପରି
କାନମୂଳେ ନିଃଶ୍ୱାସ ବାଜିଲା ପରି
ତାଳୁରୁ ତଳିପା ଯାଏଁ

Digitized by srujanika@gmail.com

ଗୁମ ଟାଙ୍କୁରିଲା ପରି ।
ବାସୁଥିଲା ମୃଦୁ ମୃଦୁ
ଝରଝର ଝରୁଥିଲା
ସୁନାର ଝରଣା ।

କାହିଁ କେଉଁ ଅନନ୍ତ ଗର୍ଭରୁ
ଝରୁଥିଲା ଆଶୀର୍ବାଦ
ଆକାଶମଲ୍ଲୀ ଶିଖରୁ ।
ମହକୁଥିଲା ପୃଥିବୀ
ପୁଲକିତ ହେଉଥିଲା ତରୁତୃଣ
ନିଦ୍ରିତ ପାଷାଣ !

୦୦୦

Digitized by srujanika@gmail.com

ଉପତ୍ୟକା ବୁଡିଯିବା ପରେ

ଉପତ୍ୟକା ବୁଡ଼ିଯିବା ପରେ
କେଉଁ ବିଷ୍ଣୁ ପ୍ରତିମାକୁ ଖୋଜୁଛ ହେ ବନ୍ଧୁ
କାହା ନାଆଁ ଧରି ଅବା ଡାକୁଛ କାହାକୁ ?
ପାତଳ ଖପରାପରି ପାଣିରେ ପହଁରି ଯାଏ
ଶବ୍ଦଖଣ୍ଡ ଲିଭିଯାଏ ପାଣିଗାର ସବୁ ।
ଗଙ୍ଗାପୁତ୍ର ବାହୁଡି ଆସେନି ।

ଡାଳ ଛାଡି ଉଡିଗଲା ପରେ ପକ୍ଷୀ
ନୀରବ ନିର୍ଜନ ଲାଗେ ସାରା ବନଭୂମି
ରାତି ପାହିଥିଲେ ପରା ଶଂଖ ବାଜିଥାନ୍ତା
ଅଭିଷେକ ହୋଇଥାନ୍ତା ଯୁବରାଜଙ୍କର
କାହା ଚକ୍ରାନ୍ତରେ କେଉଁ ସତ୍ୟ ପାଳିବାକୁ
ସଂଧ୍ୟା କାଳେ ବର୍ଷା କୋହଲାରେ
ପଶିଗଲେ ନିଘଞ୍ଚ ଜଙ୍ଗଲରେ ।

କହିବଟି ହୋ ମାଳିକେ
କେଉଁ ମହତ ମର୍ଯାଦା ଥାପିବାକୁ ଅବା
ଅର୍ଜିବାକୁ କେଉଁ ଯଶ କୀର୍ତ୍ତି
ଲିଭିଗଲା ସ୍ୱର୍ଣ୍ଣଦୀପ, ମନ୍ଦିର ସମେତ
ବୁଡିଗଲା ଜୁଆରିଆ ଅନ୍ଧାର ଭିତରେ

Digitized by srujanika@gmail.com

କହିବଟି ଆହେ ମିଶ୍ରେ
ତୁମ ଶୂନ୍ୟ ବଖରାରେ
ଲୁହରେ ବତୁରୁଥିବା
ଅବଶିଷ୍ଟ ପକ୍ଷୀକୁଳ
କେମିତି କାଟିବେ ସୁଅ
ଲୁହ ମୁହାଣିରେ
ଲଂଘିବାକୁ ଅପ୍ରମିତ ଦୁଃଖ ?
(ଦୀପକ ମିଶ୍ରଙ୍କ ତିରୋଧାନରେ)

୦୦୦

Digitized by srujanika@gmail.com

କେଉଁ ତୀର୍ଥ ଯାଉଛ କି ଯାତ୍ରୀ ଭାଇ

କେଉଁ ତୀର୍ଥ ଯାଉଛ କି ଯାତ୍ରୀ ଭାଇ
ଶୁଭବେଳା ଗଡିଯିବ ବୋଲି କାଳେ
ତରତର ହେଉଛ ଏମିତି ?

ଭୁଲି ଯାଉଛ କୋଥଳି କମ୍ବଳ ଚାଦର
ଚାହିଁ ରହୁଛ ଏମିତି ଖାଲିଟାରେ
ଆଖିପତା ପଡୁନାହିଁ ଶୂନ୍ୟ ଚାହାଣିରେ
ଆଠପ୍ରାଣୀ କୁଟୁମ୍ବକୁ ନେଇ
କୁଆଡେ ଯାଉଛ ସତେ ?
ପାହାଡକୁ ଗୁମ୍ଫାକୁ ଅଥବା
ସୁନା ଛାଉଣିରେ ଢଙ୍କା
ମହରଗ ଦିଅଁ ଦର୍ଶନକୁ ?

ଗଣ୍ଠି ପକେଇ ଆଣିବ
ତୁମର ଯେତେକ ପୁଣ୍ୟ
ବାଣ୍ଟିବାକୁ ଆଣିଥିବ
ତୀର୍ଥଜଳ ଖଜାଗଜା
ବେତବାଡି ମୁଦିମାଳି
ଅପୂର୍ବ କାହାଣୀ ।

Digitized by srujanika@gmail.com

ଏ କେବଣ ତୀର୍ଥ ଯାତ୍ରୀ ଭାଇ
ଛିଣ୍ଡିଗଲା ସବୁ ସୂତା ଖିଅ
ଏକାଠି ସମସ୍ତଙ୍କର ?
ବଣ୍ଟା ହେଲା ଖବର କାଗଜ
ମୁହୂର୍ତ୍ତକେ ଯାତ୍ରୀଗାଡି ବିଦୀର୍ଣ୍ଣ ହେବାର
ଆଠପ୍ରାଣୀ ଏକାଥରେ ଛାରଖାର
ହେବାର ଏ ସଚୀତ୍ର କାହାଣୀ
ଚିହ୍ନବର୍ଣ୍ଣ ହଜିଯିବା ଏକାନିଃଶ୍ୱାସକେ
ଆତଙ୍କର ବାର୍ତ୍ତା
ଏ ଜିଘାଂସା ଅଦୃଶ୍ୟଘାତକ
ବିନାଯୁଦ୍ଧେ ମରଣ ତାଣ୍ଡବ
ନିରୁପାୟ ବିବଶତା
ନିରର୍ଥକ ସବୁ ଯୋଦ୍ଧାପଣ
ତୁମକୁ ହରାଇବାର
ତୁମ ସାଥେ ତୁମ ଜପାମାଳି
ତୁମ ଗୀତା ପୋଥି
ତୁମ ନିର୍ମଳ ବିଶ୍ୱାସ
ହରାଇ ପାଦ ପ୍ରହାରି
ଶୂନ୍ୟକୁ ବିଦାରିବାରେ
ଝାଳନାଳହେବା
ଆମର ଦୁର୍ଭାଗ୍ୟ ।
ଏ କେବଣ ତୀର୍ଥ ଯାତ୍ରୀଭାଇ
କେବଣ ଶ୍ୱାପଦ ଏହି
ତୀର୍ଥର ମାଲିକ ?

୦୦୦

Digitized by srujanika@gmail.com

ଘନ ଘନ ଡାକୁଥିଲା ମେଘ

ଘନ ଘନ ଡାକୁଥିଲା ମେଘ
ବିଜୁଳୀ ଚମକୁଥିଲା ରହିରହି
ମୋ ଦୁଆରେ ଘାଟୁଆ କୁମ୍ଭୀର ପରି
ଶୋଇଥିଲା ଅଜ୍ଞାତ ଘାତକ ।
ଘରୁ ଗୋଡକାଢି ସେଇ ଆତୁର ବେଳାରେ
ବାଟଘାଟ ନମାନି ମୁଁ ପଶିଗଲି
ଆତଙ୍କରେ ତୁମ ଭରସାରେ ।

ଝପଝପ ବର୍ଷିଲା ଅନ୍ଧାର
ଘେରିଗଲା ମେଘଜାଲ
ରେରେ କାର କୁହାଟିଲା ବଜ୍ର
ଦେହମୁହଁ ବୁଡିଗଲା ପାଣିରେ ଲୁହରେ
ମେରୁହାଡ କମ୍ପିଲା ତୁହାକୁ ତୁହା
ମୁଁ କାହିଁକି ଧାଉଁଥିଲି ତୁମ ଭରସାରେ
ପଶିଯାଉଥିଲି ଅନ୍ଧ ସୁଅ ମୁହାଣରେ
ବୈତରଣୀ ପୋଲ ତ ନଥିଲା କେବେ
ପୋଲ ମଝିଟାରେ ତୁମେ ଠିଆ ହୋଇଥିଲ
ମୋତେ ଆଉଜାଇ ନେଇ
ଛତା ଆଡୁଆଳ କଲ, ପିଠି ଆଉଁସିଲ

Digitized by srujanika@gmail.com

ପଦେ କଥା କହିଲ ନି
ମୋ କାନ୍ଧରେ ଆସ୍ତେ ହାତ ରଖି
ଫେରାଇ ଆଣିଲ ।

ମେଘ ବର୍ଷା ନଈ ସବୁ ଘୁଞ୍ଚିଗଲା
ଫର୍ଚା ଦିଶୁଥିଲା ମୋତେ ଆକାଶ ପୃଥିବୀ
ତୁମ ମୁହଁ ଅରୁଣ ଉଦୟ !
କେତେବେଳେ ଆସ୍ତେକିନା
ତୁମେ ଘୁଞ୍ଚିଗଲ ।

୦୦୦

Digitized by srujanika@gmail.com

ନିଦ ଜରଜର

ନିଦ ଜରଜର
ଆଖିରେ ଚାହିଁଲେ
ବାଟଘାଟ ଦିଶେନାହିଁ କିଛି
ଆଗପଛ ମନେ ପଡେନାହିଁ
ବେଦନାର୍ତ୍ତ ଦେହ ପଞ୍ଜୁରୀର
ଡାକ ହାକ ଶୁଭେ ନାହିଁ କିଛି
ବେଳ ଅବେଳରେ,
ଏ ନିଦ ସେ ନିଦ ନୁହେଁ
ଏତେ ଗାଢ ରାତି ପାଇଁ ସ୍ୱପ୍ନକାହିଁ
ଏ ଅଚିହ୍ନା ଅସ୍ପଷ୍ଟ ଇଲାକା
ଢଳଢଳ ସବୁ ବିମ୍ବରେଖା
ଧୂମାଛନ୍ନ ଦର୍ପଣ ବାଟରେ
ପ୍ରତିବିମ୍ବ ଅବାକାହିଁ ।

ଅକଳନ୍ତି ଗହଳ ବହଳ ନିଦ
ଆଖିପତା ବେଳା ବାଲିବନ୍ଧ
ପ୍ରଳୟର ଜଳରାଶି
ରୋଧିବାକୁ ଦି ପାଖୁଡା
ଫୁଲର ପ୍ରହରୀ ।

୦୦୦

Digitized by srujanika@gmail.com

Digitized by srujanika@gmail.com

ତୁମେ କଣ ଦିଶୁଥିଲ ସେ ଭିଡଭିତରେ

ତୁମେ କଣ ଦିଶୁଥିଲ ସେ ଭିଡ଼ଭିତରେ
ଦିଶିଲ ଦିଶିଲ ବୋଲି ହୁରି ପଡୁଥିଲା
ଆକାଶରେ ଦରିଆ ଦେରେଇ ମେଘ
ଭୂଇଁ ସାରା ଟଳମଳ ଆକୁଳ ଉନ୍ମାଦ
ଚାହିଁଲେ ଦିଶିଯାଉଛ ନ ଚାହିଁଲେ ନାହିଁ
କେତେବେଳେ ଚିତ୍ରପଟ ମୟୂର ଚନ୍ଦ୍ରିକା
କେତେବେଳ ଶୂନ୍ୟଶୂନ୍ୟ ମହାଶୂନ୍ୟ ସୀମା
ଦେଖି ଦେଖିନାହିଁ କେବେ ନଦେଖି ଦେଖିଚି
ରଥେ ନାହଁ ପଥେ ନାହଁ ବିମାନେ ମଣ୍ଡପେ
ଏଠିଅଛ ସେଠିଅଛ ସବୁଠି ଲୁଚିଛ
ମୁଁ ସିକରବିନ୍ଦୁ ପରା ତୁମେତ ସାଗର
ସତ୍ୟମୋର ଆୟତନ ତୁମେ ସତ୍ୟସିନ୍ଧୁ
ମୁଁ ତୁମକୁ ନିରେଖିଲେ ବଳେ ଲି[illegible]ଯିବି
ଏ ଭିଡ ଭିତରୁ ତୁମେ ମୋତେ ଶୋଷିନେବ
କାହିଁ କେଉଁ ଘନକୃଷ୍ଣ ବିସ୍ତାର ଗର୍ଭକୁ
ଚାହିଁଦେଲେ ଅକୁଳାନ ସ୍ୱପ୍ନ ସରିଯିବ
ସଂକୁଚିତ ହୋଇଯିବ ସରାଗର ଅର୍ଥ
ଆଖିବୁଜି ମୁଁ ପିଉଛି ତୁମର ନିଃଶ୍ୱାସ
ତୁମବାସ୍ନା ବାରୁଛି ମୁଁ ତୁମ ନିରବତା

Digitized by srujanika@gmail.com

ନିରବିତ ଘୋଷଯାତ୍ରା ଘଣ୍ଟ ଘୋଷ ଏବେ
ନିସ୍ତବଧ ରାତ୍ରିପରି ତୁମେ ଯେବେ ଆସି
ଆଶ୍ଳେଷିବ ଦଶଦିଗୁ ଚୂଡାନ୍ତ ଶୃଙ୍ଗାରେ
ଦେଖିବା ଜାଣିବା ଅବା ଆସ୍ତେ ଲୀନହେବା
ମୃଦୁମୃଦୁ କଂପନରେ ମହା ପ୍ରଳୟରେ
ଗହନ ଗଭୀର ଏକ ବିଭୋର ବିସ୍ମୟ ॥

୦୦୦

Digitized by srujanika@gmail.com

ଆତଙ୍କ କିଏ କି ମାଆ ?

ଆତଙ୍କ କିଏ କି ମାଆ ?
ଅନ୍ଧାରରେ ଯିଏ ମୋ ବାପାକୁ
ଗୁଳି କରିଦେଲା ? ନା ଯିଏ
ତୋ ଦେହରୁ ଲୁଗା ଭିଡିନେଲା ?
ନା ଯିଏ ଆମଚାଳରେ
ନିଆଁ ଲାଗିଦେଲା ?

ନା ଯିଏ ଆମ ବାସିପେଜପିଇ
ହାଣ୍ଡି ଭାଙ୍ଗିଦେଲା ?
ଏଇଟା କଣ ତା ନାଆଁ ?
ଡାକିଲେ ସେ ଓ କରିବ ?
ସେ ଆମକଥା କହେ କି ମା
ଆମ କଥା ବୁଝେ ?

ତା ମା ତାକୁ କଣ ବୋଲି ଡାକେ
ତାର କଣ ଭଲ ନା ନାହିଁ
ରାତିରେ ତାକୁ ଶୀତ କରୁଥିବ
ଭୋକ କରୁଥିବ, ଡରମାଡୁଥିବ ନା ମା
ତୋ କାନି ଘୋଡେଇ ଦେଲେ

Digitized by srujanika@gmail.com

ମତେ ଶୀତ କରେନି
ଭୋକ କରେନି କି ଡର ମାଡେନି
ହେଲେ ତାକୁ ତୋ କାନି ଅଣ୍ଡିବନି
ବଡ ଛାନୁଆର ଟା ତ !

୦୦୦

Digitized by srujanika@gmail.com

ସକାଳ ସଂଜରେ ତାକୁ ଶୋଷ କରେ

ସକାଳ ସଂଜରେତାକୁ ଶୋଷ କରେ
ପାଣିଦେଲେ ଶୋଷିଦିଏ ।
କ'ଣ ଖାଏ କେଜାଣି ?
ତା' ରଙ୍ଗ ତେଜିଯାଏ
ଟାଣୁଆ ବଳୁଆ ଦିଶେ ତା' ଦିହ
ଦିନେ ସଂଜବେଳେ
ମହମହ କହରୁଥାଏ
ସଜଫୁଟା ମଲ୍ଲୀ ।

କାହୁଁ ଆସିଲା ଏ କହର ?
ଧୋବ ସରସର ଫୁଲ
ପାଣିରେ ତ ନାହିଁ
ଏ ବାସ୍ନା ଏ ରଙ୍ଗ ।
କାହିଁ ଏ ବୁଦାରେ କି ମାଟିରେ
ଏ ସୁକୁମାର ପଣ ଏ ଉଢଲ ପଣ !
ତୁମେ କହୁଥିଲ ନା ମା
ଗଛକୁ ବି ଶୋଷ କରେ
ପାଣିଦେଲେ ପିଇଦିଏ
ଖୁସିହେଲେ ହସିଦିଏ

Digitized by srujanika@gmail.com

ହସିଦେଲେ ଫୁଲ ଫୁଟେ
ଧୋବ ସରସର ଫୁଲ
ହସର ବାସ୍ନା ମହକିଯାଏ ।

ମୁନ୍ଦେ ପାଣି ବଦଳରେ
ସେ ଏତେ ଦେଇପାରେ
ଏତେ ଦେଇଜାଣେ କି ମା ?

କହୁଥିଲ ନା ଗଛକାନ୍ଦେ ବୋଲି
ଡାଳଟାଏ ହାଣିଦେଲେ
ଡେଣାଟାଏ ଛିଣ୍ଡିଯାଏ
ତାକୁ ଖୁବ୍ କାଟେ ନା ମା
ତାର ସବୁଚେର ସବୁପତ୍ର
ରୋଦନ କରନ୍ତି
ନିଃଶବ୍ଦ ଜହ୍ନରାତିରେ
କଅଁଳ ପବନରେ
ଅସ୍ପଷ୍ଟ କଥା କହେ ଗଛ
ତା' ଭାଷାରେ
ବ୍ୟଥାର ଭାଷାରେ
ସକାଳ ଯାଏଁ ଟୋପା ଟୋପା ଲୁହ
ଲାଖିଥାଏ ପତ୍ରର ପତାରେ
କିଛି ଦୋଷ ନ କଲେ ବି
କାହିଁକି ହାଣଖାଇଯାଏ ଗଛ
ସେ କଣ ବିକଳରେ ଡାକୁନଥିବ
ପ୍ରାର୍ଥନା କରୁନଥିବ
କାଠୁରିଆ କୁଠାରରୁ
ତାକୁ ରକ୍ଷା କରିବାକୁ ?

Digitized by srujanika@gmail.com

ତ୍ରାହିଁ ତ୍ରାହି ଡାକି
ଟଳି ପଡେ ଗଛ
କେହି ନାହିଁ ତାହାହେଲେ
ଶୂନ୍ୟ ଆକାଶରେ
ସାଇ ପଡିଶାରେ
ଗଛ କ'ଣ ବିଦ୍ରୋହ
କରି ପାରେନି ମା
ଅଭିଶାପ ଦେଇ ପାରେନି ?
କାହିଁକି ମା
ସେ ଏମିତି ସବୁ ସହିଯାଏ
ପାଟି ବି ଫିଟାଏ ନାହିଁ
ଠିକ୍ ତା' ମାଆଭଳି
ସବୁ ସହିଯାଏ ?

୦୦୦

Digitized by srujanika@gmail.com

ଏକଦା ମୁଁ ଶୁଣିଛି ତୁମର ଡାକ

ଏକଦା ମୁଁ ଶୁଣିଛି ତୁମର ଡାକ
ଅନେକ ଦୂରରୁ ନଈ ଆରପାରି
ପାହାଡ ଚୂଳରୁ
ଧଳାମେଘେ ନିଃଶବ୍ଦ ବିଜୁଳି ପରି
ଭେଦିଗଲା ଅସଂଖ୍ୟ ଆକାଶ
ପ୍ରସ୍ତପ୍ରସ୍ତ ନିଦର ଅଂଧାର
ଚମକି ଚାହିଁଲି ଯେବେ
ନିଦ୍ରିତ ପାଷାଣ
ତାରାଭରା ନିମଗ୍ନ ଆକାଶ ।

କିଏ ସେ ଡାକିଲା ମୋତେ
ଭାଙ୍ଗି ଦେଲା ସ୍ୱପ୍ନର ସପ୍ତାବରଣ
ଘନ ଅନ୍ଧାକାର ?
ଦଶ ଦିଶା ଖୋଲା ରଖି
ମୁଁ ଜାଗ୍ରତ ତୁମ ଅପେକ୍ଷାରେ
ତୁମେ ଏକ ସ୍ୱନ ସପ୍ତସ୍ୱରା
ଶଙ୍ଖ ଚିଲ କୁରୁଳିଲା ବେଳେ
ଅର୍ଦ୍ଧ ଆକାଶରେ ବନ ପକ୍ଷୀ
ଅଜଣା ରାବିଲା ବେଳେ

Digitized by srujanika@gmail.com

ଗଭୀର ଗହନ କେଉଁ
ଦୂରନ୍ତ ବନସ୍ତେ
ଅଥବା ସେ ବଂଶୀ ସ୍ୱନ
ଗୋଧୂଳି ଆକାଶେ
ସ୍ୱର୍ଣ୍ଣରେଣୁ ବୁଣିଦେଲାବେଳେ
ମୁଁ କାନାଏ ଶିରା ପ୍ରଶିରାରେ
ପେଟ ପିଠି ମର୍ମ ହୃତପିଣ୍ଡରେ
କାଳେ ତୁମେ ଡାକିଲକି ପୁଣି
ଆତ୍ମା ଚିହ୍ନେ ତୁମ ସ୍ୱନ
ଚାଖିଲେ ସ୍ପର୍ଶିଲେ ଅବା
ବାରିଦେବି ସହଜରେ ।

ସେ ସ୍ୱନର ରୂପନାହିଁ ରେଖନାହିଁ
ନାମ ନାହିଁ ବର୍ଣ୍ଣ ନାହିଁ
ଗୁଞ୍ଜରୁଛି କେବଳ ମୋ
ରକ୍ତ କଣିକାରେ ।
ଆଉଥରେ ଶୁଣିଦେଲେ
ମୁଁ ସେଥିରେ ବିଗଳିତ
ହୋଇ ଯାଇପାରେ
ମାଧୁର୍ଯ ଭାବରେ ମୁଗ୍ଧ
ଲତାୟିତ ଶାଖା ହୋଇ
ଫୁଲ ଫୁଟିପାରେ
ସ୍ତବ୍ଧ ହୋଇ ଯାଇପାରେ
ଲକ୍ଷ ଲକ୍ଷ ତାରକା ପୁଞ୍ଜରେ
ବିଜଡିତ ନୀଳାକାଶ ପରି ।
ଯଦିସ୍ୱନ ଉଭାହୁଏ ଅପରୂପ
ଶୋଭାର ନିଧାନ ହୋଇ

Digitized by srujanika@gmail.com

ପଦ୍ମମଧୁ ହୋଇ ଅବା
କହ୍ଲାର, କେଶର ଗନ୍ଧେ
ତ୍ରିଭୂବନ ସ୍ୱରଭିତ କରି
ବିସ୍ମୟ ବିମୂଢ ହୋଇ
କମ୍ପୁଥିବି ଥର ଥର
ମନ୍ତ୍ର ହେଉଥିବି
ଘନଘନ ମୂର୍ଛା ଯାଉଥିବି ସିନା
ଠାବ କରି ନ ପାରିବି
ତୁମକୁ ମୋ ସ୍ୱନମୁଗ୍ଧ
ଚିରଚୈତନ୍ୟରେ ।

୦୦୦

Digitized by srujanika@gmail.com

ଚାହୁଁଚାହୁଁ ଲିଭିଗଲା

ଚାହୁଁଚାହୁଁ ଲିଭିଗଲା
ହଳଦି ବର୍ଣ୍ଣର ସ୍ୱପ୍ନ
ଏମିତି କ'ଣ ହଜିଯାଏ
ସବୁଦିଗ ମୁହୂର୍ତ୍ତକେ
ତଥାପି ସେ ହେନାଗନ୍ଧ
ଲାଗି ରହିଥାଏ
ହାଲୁକା ରେଶମ ପରି
ଏଠିସେଠି ।

ଅପସରି ଯାଉଥିବା
ଅପୂର୍ବ ହିଲ୍ଲୋଳ ପରି
ତୁମର ଆସିବାଯିବା
ଉଭାହୋଇ ଲିଭିଯିବା
ଅଜସ୍ର ସୌଭାଗ୍ୟ ।
ବର୍ଷିଦେଇ ଅନ୍ତର୍ଧାନ
ହୋଇଯିବା ନିମିଷକେ
ନିଦାରୁଣ ପରିହାସ ପରି
କେବେ ସତ ମଞ୍ଜି
ଭେଦିଗଲା ପରି

Digitized by srujanika@gmail.com

କେବେ ପୁଣି ଇନ୍ଦ୍ରଧନୁ
ମୁଠା ମୁଠା ଶୂନ୍ୟ ।
କୁହୁକର ବାଁଡାହାଣ
ସତମିଛ ଖେଳ ।

ମନହୁଏ ଏ ଭେଳିକି
ଭେଦିଯାଇ ହାବୁଡନ୍ତି
ଅଦୃଶ୍ୟ ସେ ଯାଦୁକର ପାଶେ
ପଚାରନ୍ତି କାହିଁକି ସେ
ନିଆଁ ପାଣି ଖେଳଖେଳି
ହଲାପଟା କରୁଛି ଆମକୁ !

୦୦୦

Digitized by srujanika@gmail.com



Digitized by srujanika@gmail.com

ନାଆଁ ମୋର ନାହିଁ ସୁଧୀଜନେ

ନାଆଁ ମୋର ନାହିଁ ସୁଧୀଜନେ
କ'ଣ ନାଁ ଥାଇପାରେ
ମୁଠାଏ ପବନ ଅବା ମୁଠାଏ ମାଟିର ?
ମୁଖାପିନ୍ଧି ଚିରକାଳ ଭ୍ରମୁଥିବା
ମୋର ମୁହଁ ମୁଁବି ଦେଖିନାହିଁ ।
ବହୁରୂପୀ ଭୂମିକାରେ ବେଶ ଓ ପୋଷାକ
ମୋର ଛାୟା ନାଟ ନାଆଁଟାଏ
ଆସେ ଯାଏ ମୁଖାଚିତ୍ର ସାଥେ ।

କଟାଳ ନକରି ଯଦି ସତାରିଯାଆନ୍ତ
ଯବନିକା ପଡିବା ପର୍ଯ୍ୟନ୍ତ
ଆଉ କିଛି କାଳ ମଞ୍ଚଦୀପ
ଲିଭିଯିବା ଯାଏଁ
ଦଶଦ୍ୱାର ଓଗାଳି ରହନ୍ତ
ତେବେ ବି ସେ ଅଲକ୍ଷ୍ୟରେ
ଖସି ଯାଇପାରେ ।
ବେଳେ ବେଳେ ଚିତାଭସ୍ମ
ଉଖାରିଲେ ମିଳିପାରେ

Digitized by srujanika@gmail.com

ନିଆଁରୁ ଉବୁରିଥିବା ଧାତୁ ବା ପଥର
ନ ମିଳି ବି ପାରେ
ହୋଇପାରେ ସେଇଟା ମୋ ନାଁ
ମନକୁ ପାଇଲେ ନେବ
ନ ହେଲେ ବିସର୍ଜି ଦେବ
ପାଉଁଶ ଗଦାରେ
ଅଛହସି ହାତ ଝାଡିଦେବ

୦୦୦

Digitized by srujanika@gmail.com

ଆକଶରେ ନୂଆମେଘ ଡାକଶୁଣି

ଆକାଶରେ ନୂଆମେଘ ଡାକଶୁଣି
ପ୍ରବାସୀ ଫେରନ୍ତି ଘରେ
ଅସରାଏ ପୁଷ୍ପବୃଷ୍ଟି ନେଇ
ଆଖିରେ ଓଠରେ ।
ଆମ ଅଘରୀ ସାଆନ୍ତେ
ଉଆସ ଛାଡି ଆସନ୍ତି
ଚିନ୍ହିବାକୁ ମୁକୁଳା ଦାଣ୍ଡରେ
ଡିଙ୍ଗୁରା ପିଟି ଡାକନ୍ତି
ତିନିପୁର ବାସୀଙ୍କୁ ଆସିବାପାଇଁ
ତାଙ୍କ ସାଙ୍ଗେ ମାତିବାକୁ
ଆକାଶରୁ ଘନରସ
ନିଗିଡିଲା ବେଳେ ।
ମାଲିକେ ଝୁଲନ୍ତିଦାଣ୍ଡେ
ଟଳମଳ ପହଣ୍ଡିବିଭୋର
ନାଚିବାକୁ ଭାରିମନ ଜାମୁଡାଳ ଖଞ୍ଜି
ଝିପିଝିପି ବାଲୁତମେଘର ଛନ୍ଦେ
କାହାର ଏପରି ହୁବ
ବାହୁରେ ବାହୁକୁ ଛନ୍ଦି
ସଖାପଣେ ତାଙ୍କ ସାଥେ
ପହଣ୍ଡିକାଢି ଝୁଲିବ

Digitized by srujanika@gmail.com

ବିଳସିବ ବଡ ଦାଣ୍ଡେ
ଲାଜ ଭୟ ତେଜି ?
ଲଘିଂବାକୁ ସେ ଚାହାନ୍ତି
ଯେତେ ସବୁ ବାଡ ବନ୍ଧ
ଚାହାନ୍ତି ସବୁରି ଲାଜ ଭାଙ୍ଗିବାକୁ ପରା
ମିଶିବାକୁ ମାତିବାକୁ ସମସ୍ତଙ୍କ ସାଥେ
ତେତେକ ଉଆସ ଆଉ
ତେତେ ପରିଆରା ଛାଡି
ଦୂରୁ ଦଣ୍ଡବତ କରି
ଉଙ୍କିମାରି ଆଡହୋଇ
ଠିଆ ହୋଇଥିବା
ଦାସିଆକୁ କୋଳ କରିବାକୁ;
ଧୂଳିମଳି ଭିତର ବାହାର
କର୍ଦ୍ଦମରେ ଲୋଟିବାକୁ ।
ସେ ଆସନ୍ତି ବିସର୍ଜି ସାଆନ୍ତପଣ
ଲୋଡିବାକୁ ଅଣିମା ଲଘିମା ଏଠି
ମାଟି କାଦୁଅରେ ।
ମନ ଆଜି ମାଲିକଙ୍କ ଉଚ୍ଛୃଙ୍ଖଳ ହେବା
ଉଆସର କଟକଣା ଆକଟର ଖୋଳ
ସବୁ ଆଡ କରିଦେଇ ସମ୍ରାଟଭଙ୍ଗୀରେ ।
ସୁଧୀଜନେ ପଣ୍ଡିତ ସୁଜ୍ଞାନୀଜନେ
ମିଶିଯାନ୍ତୁ ଏ ବିପୁଳ
ଉଲ୍ଲାସ ସାଗରେ
ଭାଙ୍ଗିଯାଉ ସବୁବିଧି ବିଧାନ ପାଚେରୀ
ଖେଳ ସାରି ନିର୍ବିଘ୍ନରେ
ଫେରନ୍ତୁ ସାଆନ୍ତେ
ମଣ୍ଡିବାକୁ ରାଜସିଂହସନ ।

୦୦୦

Digitized by srujanika@gmail.com

କୃପାଝରେ ଅଚାନକ ବର୍ଷାପରି

କୃପାଝରେ ଅଚାନକ ବର୍ଷାପରି
ଓଦାକରି ବନଭୂମି ମନ ଓ ଚେତନା
ଅବାରିତ ବନସ୍ତରେ ଏକମାତ୍ର
ଶବ୍ଦଶୁଭେ ବର୍ଷା ଝରିବାର
କୃପା ସ୍ରବିବାର ।

ଆମେ ରହୁ ବିମୂଢ ତଟସ୍ଥ
କୃତାର୍ଥ ଅବାକ୍
ବୁଝିପାରିନାହୁଁ କିଏ ବା କିଭଳି
କରୁଣାବନ୍ତ ମାଲିକ / କେଉଁ ମେଘଲୋକୁ
ଏପରି ଏ ଅଯାଚିତ ବାରି ସିଞ୍ଚି
ପଲ୍ଲବିତ କରିଗଲେ ଆମ ବନଭୂମି ।

୦୦୦

Digitized by srujanika@gmail.com

ଏତେ କାଳ ଖୋଜା ଖୋଜିପରେ

ଏତେ କାଳ ଖୋଜା ଖୋଜିପରେ
ମନେ ହେଲା ଭୂମିଜଳ ପାବକ ସମୀର
ଗଗନ ସମେତ ସତ୍ୟ ।
ଚନ୍ଦ୍ରସୂର୍ଯ୍ୟ ବରଷାର ଧାରା
ସତ୍ୟ ବାକି କିଛି ସତ୍ୟ ନୁହେଁ
ଈଶ୍ୱରଙ୍କୁ ପଚାର ବା
ମନ ହେଲେ ମୋତେ ବି ପଚାରିପାର
ଆଉଥରେ ମୁଁ କହିବି ସେଇକଥା
ଖୋଜି ଖୋଜି ଦିବାରାତ୍ର
କାରଣ ମୁଁ ଜାଣିନାହିଁ ସତ୍ୟକଣ
ଅବା ମୁଁ ଯାହା ଜାଣିଛି
ତାହା ନୁହେଁ ସତ୍ୟ
ଲୋକେ କହୁଛନ୍ତି
ସତ୍ୟ ଲୁଚେନାହିଁ କେବେ
ଲୁଚି ଜାଣେ ନାହିଁ
ଠିଆ ହୁଏ ଖୋଲା ମେଲା
ନଗ୍ନିକ କୁମାରୀ ପରି
ନିର୍ଲେପ ମୁଦ୍ରାରେ
ଦେଖି ଚିହ୍ନି ସ୍ୱୀକାରିବା ପାଇଁ

Digitized by srujanika@gmail.com

ତେଡେ ବଡ ସାହସ ବିଶ୍ୱାସ କାହିଁ
ଆଖିବୁଜି ଅଂଧାର ଭିତରେ
ଅଣ୍ଡାଳିଲେ କଣ କିଛି ମିଳେ
ଝରଣାରେ ଖଳଖଳ ହସୁଥାଏ
ଚନ୍ଦ୍ରରେ ଚହଟୁଥାଏ ଅନାବୃତ ସତ୍ୟ ।

ମୋ କଥାଶୁଣ୍
ଆସ୍ ଥରେ ତୋ ବଣ ପାହାଡ ଭେଦି
ମୋ ସହିତ ନାଚିବାକୁ ରାତିସାରା
ପାଦ ମୂଳେ ସୂର୍ଯ୍ୟ ଆସି
ଉଭା ହେବା ଯାଏଁ
ତୋର ମୋର ବ୍ୟବଧାନ ଫାଙ୍କେ
ସତ୍ୟ ଉଙ୍କିବା ପର୍ଯ୍ୟନ୍ତ ।
ତେଣିକି ତୁ କହିବୁ ମୋତେ
ମୁଁ ଶୁଣିବି ସତ୍ୟ କଣ
ଅସତ୍ୟ ବା କ'ଣ !

୦୦୦

Digitized by srujanika@gmail.com

ଏ ରାସପୂର୍ଣ୍ଣିମା ଦିନ / ଚନ୍ଦ୍ରୋଦୟ ବେଳେ

ଏ ରାସପୂର୍ଣ୍ଣିମା ଦିନ/ଚନ୍ଦ୍ରୋଦୟ ବେଳେ
ଚାଲିଗଲେ କେମିତି ହୁଅନ୍ତା ?
ଭାରି ଚମତ୍କାର ଦିନ
ବାରତିଥି ଚମତ୍କାର
ମାସଟିଏ ପୁରୁଥିବ କୁମାର ପୂର୍ଣ୍ଣିମାଠାରୁ
ମାଣଟିଏ ପୁରୁଥିବ ବର୍ତ୍ତୁଳ ନିଟୋଳ
ସହସ୍ରେ ପୂର୍ଣ୍ଣିମା ଶୋଭୀ କୃତାର୍ଥ ଜୀବନ
ଗୁରୁବାରୁ ଗୁରୁବାର କେତେ ବ୍ୟବଧାନ ଅବା
ହୋଇପାରେ ଶୂନ୍ୟରୁ ଅନନ୍ତ
ହୋଇପାରେ ପୂର୍ଣ୍ଣ ଏକ ଜୀବଦ୍ଦଶା
ରାତି ପାହିଲେ କାର୍ତିକ ମଦୂମୃଦୁ ଶୀତ
ଦେଖୁ ଦେଖୁ ବିତିଯାଏ କୌମାର ଯୌବନ ଜରା
ସରିଯାଏ ପୂଣ୍ୟକାଳ ରାସ ପୂର୍ଣ୍ଣିମାରେ
ଆଲୁଏ ଆସି ଆଲୁଏ ଯିବା ତ ସୌଭାଗ୍ୟ
ଚାଲିଗଲେ କେମିତି ହୁଅନ୍ତା
ଶ୍ରୀମନ୍ତ ଏ ରାସ ପୂର୍ଣ୍ଣିମାରେ ?

ଆବିର୍ଭାବ - ଗୁରୁବାର କୁମାର ପୂର୍ଣ୍ଣିମା ୧୯୨୯
ତିରୋଧାନ (ଆକାଙ୍କ୍ଷିତ) ଗୁରୁବାର ରାସ ପୂର୍ଣ୍ଣିମା ୨୦୧୧

Digitized by srujanika@gmail.com

ଆସ୍ ଥରେ ତୋ ବଣ ପାହାଡ ଭେଦି
ମୋ ସହିତ ନାଚିବାକୁ ରାତିସାରା
ପାଦ ମୂଳେ ସୂର୍ଯ୍ୟ ଆସି
ଉଭା ହେବା ଯାଏଁ
ତୋର ମୋର ବ୍ୟବଧାନ ଫାଙ୍କେ
ସତ୍ୟ ଉଇଁବା ପର୍ଯ୍ୟନ୍ତ ।
ତେଣିକି ତୁ କହିବୁ ମୋତେ
ମୁଁ ଶୁଣିବି ସତ୍ୟ କଣ !
ଅସତ୍ୟ ବା କ'ଣ !



କୁମାର ପୂର୍ଣ୍ଣିମା ପୃଷ୍ଠା (୧୧୦)

Digitized by srujanika@gmail.com